ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ 25

Vol.26 . No.259 Bhubaneswar Monday November 27 2023 | ୨୬ତମ ବର୍ଷ ସଂଖ୍ୟା-୨୫୯ ଭୁବନେଶ୍ୱର, ସୋମବାର, ନଭେମ୍ବର ୨୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅନୁସନ୍ଧାନ କରିବ ଓଡ଼ିଶା ଗବେଷଣା କେନ୍ଦ୍ର :ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୬।୧୧(ପି.ଏନ): ସଠିକ୍ ଗବେଷଣା ଓ ତଥ୍ୟ ପ୍ରମାଣ ଅଭାବରୁ ଓଡ଼ିଶାର ସମୃଦ୍ଧ ଓ ଗୌରବମୟ ଇତିହାସ କେବଳ ଲୋକକଥାରେ ସୀମିତ ରହିଯାଇଛି । ବର୍ତ୍ତମାନ ସମୟରେ ଗବେଷଣା ଆଧାରରେ ଓଡ଼ିଆ ସମାଜର ମୂଳ ସତ୍ୟତାକୁ ତଥ୍ୟ ଆଧାରରେ ପ୍ରମାଣିତ କରି ପ୍ରକୃତ ସତ୍ୟତାର ଉନ୍ମୋଚ଼ନ କରିବା ପାଇଁ ହେବ । ଏ ଦିଗରେ ଆଜି ଉଦଘାଟିତ 'ଓଡ଼ିଶା ଗବେଷଣା କେନ୍ଦ୍ର' (ଓଆରସି) ତଥ୍ୟ ପ୍ରମାଣ ଆଧାରରେ ଓଡ଼ିଶାର ଲୁକ୍କାୟିତ ଲୋକକଥାକୁ ଲୋକଲୋଚ଼ନକୁ ଆଣିବ ତଥା ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅନୁସନ୍ଧାନ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ସମ୍ବିଧାନ ଦିବସ ଅବସରରେ ଆଜି ଭୁବନେଶ୍ୱରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ରଘୁବର ଦାସ, ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚ଼ନ୍ଦନଙ୍କ କରକମଳରେ 'ଓଡ଼ିଶା ଗବେଷଣା କେନ୍ଦ୍ର'ର ଶୁଭ ଉଦଘାଟନ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଓଡ଼ିଶାର ଜ୍ଞାନ ଏବଂ ପରମ୍ପରା ଉପରେ ଏକ ଦିବସୀୟ କର୍ମଶାଳାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ଭାବନାରେ ଆଇଆଇଟି ରୁ ଆଇଆଇଏମ୍ ପର୍ଯ୍ୟନ୍ତ ବହୁମୁଖୀ ଶିକ୍ଷାଦାନ ଉପରେ ପ୍ରାଥମିକତା ଦିଆଯାଇଛି । ଆମର ସମୃଦ୍ଧ, ସମ୍ପନ୍ନ ଓ ଗୌରବମୟ ଓଡ଼ିଆ ସମାଜକୁ ସମୀକ୍ଷା କରିବାକୁ ହେଲେ ଓଡ଼ିଶାର ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କୋଣାର୍କ ମନ୍ଦିରର ପଥର ଖଣ୍ଡ ପଛର ବୈଜ୍ଞାନିକ କାରଣ ଓ ପ୍ରକ୍ରିୟାର ମୌଳିକ ତତ୍ତ୍ୱ ଅନ୍ୱେଷଣ କରିବା ପାଇଁ ହେବ । ଯେଉଁ ଜାତି ସମ୍ପନ୍ନ ଓ ଦୂରଦ୍ରଷ୍ଟା ନଥିବ ତେବେ ଏ ପ୍ରକାର କୀର୍ତ୍ତି କରିବା କଣ ସମ୍ଭବ ? ଏ ଦିଗରେ ସମଗ୍ର ବିଚ଼ାର ଓ ମୌଳିକ ତତ୍ତ୍ୱ ପର୍ଯ୍ୟନ୍ତ ଯିବା ପାଇଁ ଓଡ଼ିଶା ରିସର୍ଚ୍ଚ ସେଣ୍ଟର ବିଶେଷ ସହାୟକ ହେବ । ଅନେକ କଳା ଓ ସଂସ୍କୃତିର ସମାହିତ ଓଡ଼ିଶା କଳିଙ୍ଗ ଯୁଦ୍ଧ ପୂର୍ବରୁ ସମୃଦ୍ଧ ଥିଲା । ଓଡ଼ିଶା ବନ୍ଦର ଆଧାରିତ ଅର୍ଥନୀତି ଥିଲା । କୋଣାର୍କର ମନ୍ଦିର କଳାରେ ଜିରାଫ୍ ଚ଼ିତ୍ର ସହ ସାମୁଦ୍ରିକ ଗତିବିଧିର ଅନେକ ଦୃଶ୍ୟ ରହିଛି, ଯାହା ଉଭୟ ଦକ୍ଷିଣ ପୂର୍ବ ଏସିଆ ଓ ଆଫ୍ରିକାର ବିଭିନ୍ନ ଅଞ୍ଚଳ ସହିତ କଳିଙ୍ଗର ସମୃଦ୍ଧ ସାମୁଦ୍ରିକ ସମ୍ପର୍କର ଗଭୀର ପ୍ରମାଣ ଦେଇଥାଏ । ଆମ ରାଜ୍ୟ ଅତୀତରେ ଦେଶରେ ହାତୀ ଯୋଗାଉଥିବାର ମଧ୍ୟ କିଛି ଐତିହାସିକମାନେ ମତ ଦିଅନ୍ତି । ସେହିପରି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଓ ବାଧାବିଘ୍ନ ପରେ ବି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲରେ ଥିବା ଓଡଙ୍ଗଡ ତିନିହଜାର ବର୍ଷ ପୂର୍ବ ଓଡ଼ିଶାର ପୁରାତନ ସଭ୍ୟତାର ପରିଚ଼ୟ ଦେଉଛି । ସନ୍ଥକବି ବଳରାମ ଦାସଙ୍କ ଦ୍ୱାରା ଲିଖିତ ଲକ୍ଷ୍ମୀ ପୁରାଣ କେବଳ ଧାର୍ମିକ ନୁହେଁ ବରଂ ମହିଳା ସଶକ୍ତିକରଣ ଓ ସ୍ୱଚ୍ଛତା ବାର୍ତ୍ତା ଦେଉଛି । ମହିମା ଧର୍ମର ମାହାତ୍ମ୍ୟ ଓ ସନ୍ଥକବି ଭୀମ ଭୋଇଙ୍କ ବାଣୀ ବିଶ୍ୱକୁ ପ୍ରଭାବିତ କରିଛି । ଶ୍ରୀମନ୍ଦିରକୁ ଇଂରେଜମାନେ ହାତେଇବା ପାଇଁ ଚେଷ୍ଟା କରୁଥିବା ବେଳେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା ମଧୁବାବୁ ଓକିଲାତି ହୋଇ ଓଡ଼ିଆ ଜାତି, ସଭ୍ୟତା ଓ ସଂସ୍କୃତି ପାଇଁ ଲଢେଇ କରିଥିଲେ । ଏହା ହିଁ ଧାର୍ମିକ ନିରପେକ୍ଷତା । ପ୍ରାଚ଼ୀନ ଓଡ଼ିଶା ପ୍ରତ୍ନତତ୍ତ୍ୱ, ଜ୍ୟୋତିର୍ବିଜ୍ଞାନ, ଗଣିତ ଓ ଜ୍ୟାମିତି ଏବଂ ପ୍ରାକୃତିକ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ମଧ୍ୟ ଉତ୍କୃଷ୍ଟ ଥିଲା । ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଭାତ ଡାଲମାରେ ସ୍ୱାସ୍ଥ୍ୟନୀତି ଥିଲା । ଉସୁନା ଚ଼ାଉଳ ଓ ମାଣ୍ଡିଆକୁ ଓଡ଼ିଆ ଲୋକମାନେ ପ୍ରସ୍ତୁତ କରିଛନ୍ତି । କଳା, ସଂସ୍କୃତି, ପ୍ରତ୍ନତତ୍ତ୍ୱ, ପରମ୍ପରା ଓ ସାହିତ୍ୟ, ଓଡ଼ିଶାର ସମାଜ ବିଜ୍ଞାନ, ମାନବ ବିଜ୍ଞାନ, ରାଜନୈତିକ ପ୍ରକ୍ରିୟା ଓ ରାଜନୈତିକ ସଂସ୍କୃତି, ପ୍ରବାସୀ ଓଡ଼ିଆ ଓ ତାଙ୍କର ଅବଦାନ, କୃଷି, ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପାୟନ, ସମସାମୟିକ ଓଡ଼ିଶାର ବିକାଶ ଧାରା, ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଓ ସ୍ୱାସ୍ଥ୍ୟସେବା, ଭବିଷ୍ୟତ ଟେକ୍ନୋଲୋଜି ଏବଂ ସ୍ମାର୍ଟ ସିଟି, ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶ, ସେମିକଣ୍ଡକ୍ଟର, ବିରଳ ମୃତ୍ତିକା ଏବଂ ଉନ୍ନତ ଖଣିଜ ପଦାର୍ଥ ଉପରେ ଓଡ଼ିଶା ଗବେଷଣା କେନ୍ଦ୍ର ଗବେଷଣା କରିବ । ଓଡ଼ିଆ ସମାଜର ଜନଜୀବନ, ଚ଼ାଲିଚ଼ଳଣୀ, ଖାଦ୍ୟପେୟ ଉପରେ ଗବେଷଣା କରି ଓଡ଼ିଆ ସମାଜର ହୃତଗୌରବକୁ ଆଧୁନିକ ସମାଜରେ ପୁନପ୍ରତିଷ୍ଠା କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତର ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶାର ଅବଦାନ ଅନେକ । ଓଡ଼ିଆ ପିଲା ମାନଙ୍କ ବୌଦ୍ଧିକ କ୍ଷମତା ଆଜି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହୋଇଛି । ଆବୁଧାବୀରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କାମରେ ଶହ ଶହ ଓଡ଼ିଆ କାରିଗରମାନେ ଲାଗିଛନ୍ତି । ବାଣିଜ୍ୟ, ବ୍ୟବସାୟ, ଶିଳ୍ପାୟନ ଅତୀତରେ ଓଡ଼ିଶାର ଭୂମିକା ଥିଲକା, ଆଜି ବି ଅଛି ଓ ଭବିଷ୍ୟତରେ ରହିବ ମଧ୍ୟ । ତା'ର ଯୋଜନା ବନାଇବା ପାଇଁ ପଡିବ । ସମସାମୟିକ ଓଡ଼ିଶାରେ କଣ ଚ଼ାଲିଛି, ଓଡ଼ିଆ ଲୋକ କଣ ଭାବୁଛି, ସେ ଦିଗରେ ମଧ୍ୟ ଆଲୋଚ଼ନା କରିବାକୁ ହେବ । ଆଗାମୀ ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଆମ ପ୍ରଦେଶ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଆଉ ୨୪ ବର୍ଷ ପରେ ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ଯେଉଁ ଜାତିର ହଜାର ହଜାର ବର୍ଷର ଇତିହାସ ଅଛି ଓ ପ୍ରଭାବଶାଳୀ ଭୂମିକା ଅଛି ସେହି ଜାତି ନିଜକୁ ଶତାବ୍ଦୀ କେଉଁ ପର୍ଯ୍ୟନ୍ତ ସଜାଇବ ? ଏହି ସମୟରେ ଲୋକାର୍ପିତ ଓଡ଼ିଆ ଗବେଷଣା କେନ୍ଦ୍ର ଆଗାମୀ ଦୁଇ ଦଶନ୍ଧି ଧରି ଓଡ଼ିଶାର ବିକାଶ, ଓଡ଼ିଆଙ୍କ ଉନ୍ନତି, ଓଡ଼ିଆ ଯୁବପିଢିଙ୍କୁ ୨୦୩୬ ଓ ୨୦୪୭ ପାଇଁ ରୂପରେଖ ପ୍ରସ୍ତୁତ କରିବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବ । ଓଡ଼ିଶା ଗବେଷଣା କେନ୍ଦ୍ରରେ ଓଡ଼ିଶା ଓ ଓଡ଼ିଆଙ୍କ ଜନଜୀବନକୁ ନେଇ ଗବେଷଣା କରୁଥିବା ବ୍ୟକ୍ତିବିଶେଷଙ୍କ ସହ ଯୁବ ଗବେଷକ ଏବଂ ଓଡ଼ିଆ ଲୋକଙ୍କୁ ଯୋଡିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ଓ ଶିକ୍ଷାକୁ ବ୍ୟାପକ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆଜିର ଏହି ରିସର୍ଚ୍ଚ ସେଣ୍ଟରର ଲୋକାର୍ପଣ ଆମ ରାଜ୍ୟ ପାଇଁ ଏକ ଗୌରବମୟ ଉପଲବ୍ଧି । ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଓଉଝଝଜ) ଅଧୀନରେ ଥିବା ଓଡ଼ିଶା ଗବେଷଣା କେନ୍ଦ୍ର (ଙଜଉ) ଆରମ୍ଭ କରାଯାଇଛି । ଏହାର ବ୍ୟାପକତା ପାଇଁ ଶିକ୍ଷା ମନ୍ତ୍ରଣାଳୟର ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇକେଏସ) ଡିଭିଜନ, ଆଇସିଏସଏସଆର, ଆଇଆଇଏମ୍ ସମ୍ବଲପୁର, ଆଇଆଇଟି ଖଡ଼ଗପୁର ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆଇସିଏସଏସଆର ଏବଂ ଶିକ୍ଷା ମନ୍ତ୍ରଣାଳୟର ଆଇକେଏସ ଡିଭିଜନ ଏଭଳି ଗବେଷଣା କେନ୍ଦ୍ର ଓଡ଼ିଶା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାରେ ଓଡ଼ିଶାକୁ ପ୍ରଥମ ରାଜ୍ୟ ଭାବେ ଚ଼ୟନ କରି ଏହି ପଦକ୍ଷେପ ନେଇଛନ୍ତି ।



## ରାତି ପାହିଲେ କାର୍ତ୍ତିକ ପୂର୍ଣ୍ଣିମା, ସୁନା ବେଶରେ ଦର୍ଶନ ଦେବେ ମହାପ୍ରଭୁ

ଭୁବନେଶ୍ୱର, ୨୬।୧୧(ପି.ଏନ):ରାତି ପାହିଲେ କାର୍ତ୍ତିକ ପୂର୍ଣ୍ଣିମା । ଭକ୍ତଙ୍କୁ ସୁନା ବେଶରେ ଦର୍ଶନ ଦେବେ ମହାପ୍ରଭୁ । ଶ୍ରୀଜୀଉଙ୍କ ଏହି ବେଶ ଦର୍ଶନ ଓ ମହୋଦଧିରେ ଡଙ୍ଗା ଭସାଣ ପାଇଁ ଏବେଠାରୁ ଜମିଲାଣି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ । ଭିଡକୁ ଦୃଷ୍ଟିରେ ରଖି ଆଜି ରାତି ସାରା ଶ୍ରୀମନ୍ଦିର ଖୋଲା ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ଏଥିପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୋମବାର ଭୋରରୁ ମହୋଦଧିରେ ଡଙ୍ଗା ଭସାଣ ହେବ । ଏଥିସହ ରାଇ-ଦାମୋଦର ବ୍ରତର ସାମାପନ ହେବ । ରତ୍ନବେଦୀରେ ମହାପ୍ରଭୁଙ୍କର ହେବ ରାଜରାଜେଶ୍ୱର (ସୁନାବେଶ) । ମହଣ ମହଣ ସୁନାରେ ଆଭୂଷିତ ହେବେ ଶ୍ରୀଜୀଉ । ଅବକାଶ ନୀତି ପରେ ମହାପ୍ରଭୁଙ୍କୁ ଏହି ଦୁର୍ଲଭ ବେଶ କରାଯିବ । ସେପଟେ ଆଜି ବୈକୁଣ୍ଠ ଚ଼ତୁର୍ଦ୍ଦଶୀରେ ଶ୍ରୀଜୀଉ ଲକ୍ଷ୍ମୀ-ନୃସିଂହ ବା ଆଡ଼କିଆ ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ ।

## ଥାନାରୁ ଚ଼ମ୍ପଟ ମାରିଲା ଅଭିଯୁକ୍ତ



ଭୁବନେଶ୍ୱର,୨୬।୧୧(ପିଏନ):ବଲାଙ୍ଗିର ଜିଲ୍ଲା ଟିକ୍ରାପାଡା ଫାଣ୍ଡିରୁ ଅଭିଯୁକ୍ତ ଫେରାର । ଫେରାର ଥିବା ଅଭିଯୁକ୍ତ ଜଣଙ୍କ ହେଉଛି ଟିକ୍ରାପଡା ଗ୍ରାମର ବୁଲୁ ରାଜପାଲିଆ । ଆଜି ସକାଳୁ କିଛି ଝିଅ ମର୍ଣ୍ଣିଂୱାକରେ ଯାଉଥିଲେ । ସେହି ସମୟରେ ବୁଲୁ ଜଣେ ଯୁବତୀଙ୍କ ଠାରୁ ମୋବାଇଲ ଛଡାଇବାକୁ ଚେଷ୍ଟା କରୁଥିଲା । ତେବେ ଯୁବତୀ ଜଣଙ୍କ ତାଙ୍କୁ ବିରୋଧ କରିଥିଲେ । ଯେଉଁଥି ପାଇଁ ବୁଲୁ ସେମାନଙ୍କୁ ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଏପରିକି ସେମାନଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି ।ଯୁବତୀ ମାନଙ୍କ ଚ଼ିତ୍କାର ଶୁଣି ସ୍ଥାନୀୟ ଲୋକେ ବୁଲୁକୁ କାବୁ କରିନେଇ ଥିଲେ । ପରେ ତାକୁ ଫାଣ୍ଡିରେ ଜିମା ଦେଇଥିଲେ । ପାଣ୍ଡିରେ ହୋମଗାର୍ଡ ଓ କନେଷ୍ଟବଳ ଜଗି ଥିବାବେଳେ ଚ଼ମ୍ପଟ ମାରିଥିଲା ଅଭିଯୁକ୍ତ । ଏଖବର ପ୍ରଚ଼ାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା ।

## ବିଜେପି ହଟାଅ-ଦେଶ ବଞ୍ଚାଅ ଡାକରା ଦେଇ ରାଜଧାନୀରେ ଶ୍ରମିକ ଓ କୃଷକ ମାନଙ୍କର ତିନିଦିନିଆ ବିଶାଳ ସମାବେଶ ଓ ଗଣଧାରଣା ଆରମ୍ଭ

ଭୁବନେଶ୍ୱର,ତା ୨୬/୧୧ : ନୂଆଦିଲ୍ଲୀର ତାଲକୋଟରା ଷ୍ଟାଡିୟମରେ ଗତ ୨୪ ଅଗଷ୍ଟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କର ମିଳିତ ମଞ୍ଚ, ସ୍ୱାଧୀନ ଫେଡେରେସନ ସମୂହ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ମିଳିତ ମହା ସମ୍ମିଳନୀରେ ୨୧ ଦଫା ଦାବିରେ ନଭେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜ୍ୟର ରାଜଭବନ ସମ୍ମୁଖରେ ୭୨ ଘଣ୍ଟିଆ ମହା ଧାରଣା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି ଆହ୍ୱାନ ଆଧାରରେ ଓଡିଶାରେ ଏହି ମହାଧାରଣା ମହାତ୍ମା ଗାନ୍ଧୀ ମାର୍ଗ( ଲୋୟର ପି. ଏମ୍. ଜି) ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହୋଇଛି ।ଏହି ବିଶାଳ ମହାଧାରଣା ତଥା ସମାବେଶରେ ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ କରିବା,କୃଷିଜାତ ଦ୍ରବ୍ୟ ଗୁଡିକର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍.ଏସ୍.ପି)କୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ,ବିଭିନ୍ନ ଶ୍ରମ ବିରୋଧୀ ନୀତି ପ୍ରତ୍ୟାହାର କରି ଜାତୀୟ ସର୍ବନିମ୍ନ ମାସିକ ମଜୁରୀ ୨୬୦୦୦ ଟଙ୍କା ଧାର୍ଯ୍ୟ କରିବା, ସଂଯୁକ୍ତ କୃଷକ ମୋର୍ଚ୍ଚାର ମୂଳ ଦାବି ବିଦ୍ୟୁତ (ସଂଶୋଧନ) ବିଲ୍-୨୦୨୦କୁ ପ୍ରତ୍ୟାହାର କରିବା, ଜଙ୍ଗଲ ଜମି ଅଧିକାର ଆଇନ- ୨୦୦୬କୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଓ ଜଙ୍ଗଲ ସଂରକ୍ଷଣ (ସଂଶୋଧନ) ଆଇନ-୨୦୨୩ ଏବଂ ଜୈବ ବିବିଧତା ଆଇନ ଓ ନିୟମାବଳୀକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି । ଅନ୍ୟପକ୍ଷରେ ଶ୍ରମିକ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଚ଼ାରୋଟି ଶ୍ରମ କୋଡ଼ ପ୍ରତ୍ୟାହାର, ସ୍ଥାୟୀ ନିଯୁକ୍ତି ଏବଂ ସମାନତା ଏବଂ କାର୍ଯ୍ୟସ୍ଥଳରେ ନିରାପତ୍ତା ପ୍ରଦାନ କରିବା, ଶ୍ରମିକର ଠିକା କରଣ / ଅସ୍ଥାୟୀ କରଣ ବନ୍ଦ କରିବା, ଘରେ ରହି କାମ କରୁଥିବା ଶ୍ରମିକ, ହକର୍, ଜରି ଗୋଟାଳୀ,ଘରୋଇ ଶ୍ରମିକ , ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ, ସ୍କିମ ଶ୍ରମିକ, କୃଷି ଶ୍ରମିକ, ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନରେ କାମ କରୁଥିବା ଶ୍ରମିକ, ଲୋଡିଙ୍ଗ୍ ଏବଂ ଅନଲୋଡିଙ୍ଗ୍ ଶ୍ରମିକ, ଲବଣ ଶିଳ୍ପ ଶ୍ରମିକ, ବିଡି ଶ୍ରମିକ, ଟଡି ଟ୍ରାପର୍ସ, ରିକ୍ସା ଚ଼ାଳକ, ଅଟୋ/ଟାକ୍ସି ଚ଼ାଳକ, ମତ୍ସ୍ୟଜିବୀ ଇତ୍ୟାଦି ସମସ୍ତ ଶ୍ରମିକ ମାନଙ୍କୁ ପଞ୍ଜିକରଣ କରିବା ଏବଂ ପେନସନ ସମେତ ସାମାଜିକ ନିରାପତ୍ତା ଯୋଜନା କାର୍ଯ୍ୟକାରୀ କରାଯିବାକୁ ଏହି ସମାବେଶରେ ଦାବି କରାଯାଇଛି ।



## ଭାରତୀୟ ସମ୍ବିଧାନର ପଞ୍ଚମ ଓ ଷଷ୍ଠ ଅନୁସୂଚ଼ୀ ଅନୁଯାୟୀ ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ମାଧ୍ୟମରେ ଆଦିବାସୀ ଗୋଷ୍ଠୀମାନଙ୍କୁ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରିବା ହିଁ ରାଷ୍ଟ୍ରର ଦାୟିତ୍ୱ : ପ୍ରଫେସର ଭର୍ଜିନିୟସ ଖାଖା

ଭୁବନେଶ୍ୱର ,୨୬।୧୧(ପି.ଏନ) : ଭାରତର ସମସ୍ତ ନାଗରିକଙ୍କର ଯେଉଁ ସବୁ ଅଧିକାର ଅଛି, ଆଦିବାସୀମାନଙ୍କର ମଧ୍ୟ ସେ ସବୁ ଅଧିକାର ଅଛି । ସେ ସବୁ ସହିତ ଆଦିବାସୀମାନଙ୍କୁ କିଛି ସ୍ୱତନ୍ତ୍ର ଅଧିକାର ଦିଆଯାଇଛି । ଏହି ସ୍ୱତନ୍ତ୍ର ଅଧିକାରଗୁଡିକ ମୋଟାମୋଟି ତିନି ପ୍ରକାରର । ପ୍ରଥମତଃ, ଗୋଟିଏ ପକ୍ଷରେ ସଂସଦ, ରାଜ୍ୟମାନଙ୍କର ବିଧାନସଭା ଓ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥା ଭଳି ରାଷ୍ଟ୍ର ଅନୁଷ୍ଠାନ ଏବଂ ଅନ୍ୟପକ୍ଷରେ, ସରକାରୀ ଚ଼ାକିରୀ ଓ ଉଚ୍ଚ୍ ଶିକ୍ଷାନୁଷ୍ଠାନମାନଙ୍କରେ ସରଂକ୍ଷଣର ସୁବିଧା । ଦ୍ୱିତୀୟରେ, ସେମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ହିତକର କାର୍ଯ୍ୟକ୍ରମ । ହିନ୍ଦୁ ସମାଜର ଉଚ୍ଚ଼ନୀଚ଼ ଭେଦଭାବପୂର୍ଣ୍ଣ ଜାତି ବ୍ୟବସ୍ଥାର ସବାତଳେ ଥିବା ଦଳିତ ସମୁଦାୟ ମଧ୍ୟ ଉପରୋକ୍ତ ଦୁଇ ଅଧିକାରକୁ ଉପଭୋଗ କରନ୍ତି । ତୃତୀୟଟି ନିର୍ଦ୍ଦିଷ୍ଟ ଭାବେ ଆଦିବାସୀ ଗୋଷ୍ଠୀମାନଙ୍କ ପାଇଁ ଅଭିପ୍ରେତ । ତାହା ହେଉଛି ଭାରତୀୟ ସମ୍ବିଧାନର ପଞ୍ଚମ ଓ ଷଷ୍ଠ ଅନୁସୂଚ଼ୀ ଅନୁଯାୟୀ ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ମାଧ୍ୟମରେ ଆଦିବାସୀ ଗୋଷ୍ଠୀମାନଙ୍କୁ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରିବା । ଉଭୟ ଅନୁସୂଚ଼ୀର ଲକ୍ଷ୍ୟ ହେଉଛି ସେମାନଙ୍କର ସ୍ୱାର୍ଥ, ହିତ ଓ ଅସ୍ମିତାକୁ ସୁରକ୍ଷିତ ରଖିବା । ସମ୍ବିଧାନର ଷଷ୍ଠ ଅନୁସୂଚ଼ୀ ଅନ୍ତର୍ଗତ ଅଞ୍ଚଳ ବହୁଳାଂଶରେ ସମ୍ବିଧାନର ଉଦ୍ଦେଶ୍ୟକୁ ସାଧିତ କଲାବେଳେ, ପଞ୍ଚମ ଅନୁସୂଚ଼ୀ ଅତି ଦୟନୀୟ ଭାବେ ବିଫଳ ହୋଇଛି । ଯାହା ହେଉ ନା କାହିଁକି, ଜମି, ଜଙ୍ଗଲ ଓ ଅନ୍ୟାନ୍ୟ ସମ୍ପଦ ଉପରେ ଆଦିବାସୀମାନଙ୍କର ଅଧିକାରକୁ ସୁରକ୍ଷିତ ରଖିବା ତଥା ସାମାଜିକ ବିକାଶକୁ ବୃଦ୍ଧି କରିବା କ୍ଷେତ୍ରରେ ଷଷ୍ଠ ଅନୁସୂଚ଼ୀ ବେଶ ସଫଳ ହୋଇଛି । ଅର୍ଥାତ୍, ଗଣତାନ୍ତ୍ରିକ ପରିସର ଓ ସୁଶାସନକୁ ସମ୍ପ୍ରସାରିତ କରିବା ପାଇଁ ଷଷ୍ଠ ଅନୁସୂଚ଼ୀ ଏକ ଉପକରଣ । ଏମିତି ଏକ ଉପକରଣ ପଞ୍ଚମ ଅନୁସୂଚ଼ୀ ଅନ୍ତର୍ଗତ ଆଦିବାସୀମାନଙ୍କର ଏକାନ୍ତ କାମ୍ୟ ବୋଲିଲୋକସଭାର ପୂର୍ବତନ ବାଚ଼ସ୍ପତି ତଥା ବିଶିଷ୍ଟ ସମାଜବାଦୀ ନେତା ରବି ରାୟଙ୍କ ୯୭ତମ ଜୟନ୍ତୀ ଅବସରରେ 'ଭାରତୀୟ ସମ୍ବିଧାନର ପଞ୍ଚମ ସୂଚ଼ୀ - ଇତିହାସ, ବ୍ୟବସ୍ଥା ଓ ଏହାର ଅପରାଧିକ ଅବହେଳା' ଶୀର୍ଷକ ସପ୍ତମ ରବି ରାୟ ସ୍ମାରକୀ ବକ୍ତୃତା ପ୍ରଦାନ କରି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରଫେସର ଭର୍ଜିନିୟସ ଖାଖା ନିଜ ବକ୍ତବ୍ୟ ରଖିଥିଲେ ।



## ସମ୍ବିଧାନର କ୍ଷମତାର ଅପବ୍ୟବହାର ହେଉଛି : ଶରତ ପଟ୍ଟନାୟକ

ଭୁବନେଶ୍ୱର ୨୬।୧୧(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଦେଶ କଂଗ୍ରେସ ପକ୍ଷରୁ "ସଂପ୍ରତି ଆମ ସମ୍ବିଧାନ ସୁରକ୍ଷିତକି" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ଶରତ ପଟ୍ଟନାୟକ କହିଥିଲେ ଯେ ଆଜିର ଦିନ ପ୍ରତିଟି ଭାରତୀୟ ମାନଙ୍କ ପାଇଁ ଏକ ଗୌରବର ଦିବସ । ୧୯୪୯ ମସିହା ଆଜିର ଦିନରେ ଭାରତର ସମ୍ବିଧାନ ସଭା (Constituent Assembly) ଭାରତୀୟ ସମ୍ବିଧାନକୁ ସ୍ୱୀକାର କରିଥିଲା । ଯେଉଁ ସମ୍ବିଧାନ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୦ ମସିହା ଜାନୁଆରି ୨୬ ତାରିଖରେ ଦେଶରେ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଥିଲା । ସମ୍ବିଧାନ ହେଉଛି ଭାରତ ବର୍ଷର ସର୍ବଶ୍ରେଷ୍ଠ ଆଇନ ଗ୍ରନ୍ଥ । ଆମ ସମ୍ବିଧାନ ଆମ ଗଣତନ୍ତ୍ରର ମୂଳମନ୍ତ୍ର । ସମ୍ବିଧାନରୁ ଭାରତବର୍ଷର ସବୁ ଆଇନ ସୃଷ୍ଟି ହୋଇଛି । ଏହି ସମ୍ବିଧାନର ପ୍ରଣେତା ହେଉଛନ୍ତି ବାବା ସାହେବ ଭୀମରାଓ ଆମ୍ବେଦକର । ଆମ ସମ୍ବିଧାନରେ ମୌଳିକ ଅଧିକାର ଓ ମୌଳିକ କର୍ତବ୍ୟ ଉପରେ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣରୂପେ ବାଖ୍ୟା କରାଯାଇଛି । କିନ୍ତୁ ବିଗତ କିଛିବର୍ଷ ଧରି ଆମେ ଦେଖୁଛୁ ଭାରତବର୍ଷର ଜନସାଧାରଣଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି ଓ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାରକୁ ଅସାଧୁ ଉପାୟରେ ଭାଙ୍ଗି ଦିଆଯାଉଛି । ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଆଜି ନିରପେକ୍ଷ ରହିପାରୁ ନାହିଁ । ଦୁର୍ନୀତି ବିରୋଧରେ ସ୍ୱର ଉତୋଳନ କରୁଥିବା ରାଜନେତା ବା ନାଗରିକଙ୍କ ଉପରେ କ୍ଷମତାସୀନ ସରକାର ଇଡି ଓ ସିବିଆଇ ଲଗାଇ ତାଙ୍କର କଣ୍ଠରୋଧ କରୁଛନ୍ତି । ଭାରତୀୟଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନିଆଯାଉଛି । ସମ୍ବିଧାନ ଦ୍ୱାରା ପ୍ରଣୀତ ଆଇନର ଖୋଲା ଉଲ୍ଲଙ୍ଘନ ହେଉଛି । ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଅଂଚଳରର ଆଧାରରେ ଦେଶକୁ ଖଣ୍ଡ ଖଣ୍ଡ କରିବାକୁ ଚକ୍ରାନ୍ତ ଚାଲୁଛି । ଭାରତର ଆତ୍ମା ହେଉଛି ସମ୍ବିଧାନ, ଯାହାକି ବିଭିନ୍ନତା ମଧ୍ୟରେ ଏକତାକୁ ମଜବୁତ ରଖିଛି । ମାତ୍ର କିଛି ନିର୍ଦ୍ଦିଷ୍ଟ କ୍ଷମତା ଲୋଭୀ ଗୋଷ୍ଠୀ ନିଜର ଫାଇଦା ହାସଲ ପାଇଁ ସମ୍ବିଧାନର କ୍ଷମତାର ଅପବ୍ୟବହାର କରୁଛନ୍ତି । ଆମର ପ୍ରିୟ ନେତା ଜନନାୟକ ରାହୁଲ ଗାନ୍ଧୀ ସମ୍ବିଧାନକୁ ସୁରକ୍ଷିତ ଓ ସଶକ୍ତ କରିବାପାଇଁ ଐତିହାସିକ ଭାରତଯୋଡ଼ ଯାତ୍ରା କରିଥିଲେ । ସମ୍ବିଧାନକୁ ବଂଚାଇବାକୁ ପଡ଼ିବ । ଆମ ଗଣତନ୍ତ୍ରକୁ ରକ୍ଷା କରିବାକୁ ପଡ଼ିବ । ସୁତରାଂ ଆମର ସମ୍ବିଧାନ ସଂପ୍ରତି ଅସୁରକ୍ଷିତ ଅବସ୍ଥାରେ ଅଛି । ସମ୍ବିଧାନର ସୁରକ୍ଷା କରିବା ପାଇଁ ଲଢ଼େଇ କରିବା ହିଁ ପ୍ରତ୍ୟେକ ଭାରତୀୟର ପ୍ରଧାନ କର୍ତବ୍ୟ । ଆଜିର ଏହି ଆଲୋଚନା ଚକ୍ରରେ ବିଧାୟକ ସୁରେଶ କୁମାର ରାଉତରାୟ, ଦାଶରଥି ଗମାଙ୍ଗୋ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ସାଂସଦ ନକୁଳ ନାୟକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବିଶ୍ୱଜିତ ଦାଶ, ମାନସ ମଲ୍ଲିକ, ରାଜକିଶୋର ବାରିକ, ଅମିତା ବିଶ୍ୱାଳ, ହଳଧର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କୁ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଶ୍ରୀ ଜୟନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟାନନ୍ଦ ଚାଉଳିଆ, ରଜନୀ ମହାନ୍ତି, ମନୋରଞ୍ଜନ ରାଉତରାୟ, ତରୁଣ ମିଶ୍ର, ନରୋତମ ନାୟକ, ସୁଭାଷ ପ୍ରଧାନ, ମନୋଜ ସାହୁ, ଜାନକୀ ମଲ୍ଲିକ, ଦେବେନ୍ଦ୍ର ପ୍ରସାଦ ଦାସ, ଶୁଭଦ୍ରା ମିଶ୍ର, ନମିତା ମିଞ୍ଜ, ଭାଗିରଥି ବେହେରା, ସୁଜ୍ଞାନୀ ପଟ୍ଟନାୟକ, ନଳିନୀ ବେହେରା, ନିରଦ ବରଣ ଖୁଂଟିଆ, ନିପନ ଦାସ, ନିହାର ମହାନନ୍ଦ, ମିତ୍ରଭାନୁ ମହାପାତ୍ର, ରଞ୍ଜନ ଭୋଇ, ଅଶୋକ ଦାସ, ନିରଞ୍ଜନ ନାୟକ, ପ୍ରଶନ୍ନ ନାୟକ, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଜୟଶ୍ରୀ ପାତ୍ର, ନାରୟଣ ଜେନା, କୁସୁମ ପ୍ରଧାନ, ନଳିନୀ ବେହେରା, ଦେବାଶିଷ ମଲ୍ଲିକ, ବଟକୃଷ୍ଣ ପ୍ରଧାନ, ନେତ୍ରାନନ୍ଦ ଦୀପ, ମାନସ ବେହେରା, ଗୋବିନ୍ଦ ମଲ୍ଲିକ, ବାଣିପ୍ରସାଦ ମାଳି, ସାଗର ପରିଡ଼ା, ଖଗେଶ୍ୱର ମଲ୍ଲିକ, ସୁକାନ୍ତ ଡିହାଡ଼ି, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ୨୩ ତମ ଗ୍ରୀନଟେକ୍ ଏନଭିରୋନ୍‌ମେଣ୍ଟ ପୁରସ୍କାର ହାସଲ କଲା ଇଫକୋ ପାରାଦୀପ ୟୁନିଟ୍



ପାରାଦୀପ,୨୬।୧୧(ପି.ଏନ): ଶ୍ରେଷ୍ଠ ପରିବେଶ ସୁରକ୍ଷା ନିମନ୍ତେ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପସ୍ଥିତ ଇଫକୋ ୟୁନିଟ୍‌କୁ ୨୩ତମ ଗ୍ରୀନଟେକ୍ ଏନଭିରୋନମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି । ଜାମ୍ମୁ କାଶ୍ମୀରର ସୋନମାର୍ଗଠାରେ ଅନୁଷ୍ଠିତ ଗ୍ରୀନଟେକ୍ ସମାରୋହରେ ଇଫକୋର ଉତ୍ପାଦନ,ପରିବେଶ ଓ ସୁରକ୍ଷା ବିଭାଗର ସାଧାରଣ ପ୍ରବନ୍ଧକ ଆ.କେ.ପାଣ୍ଡେ,ଇପିସି ବିଭାଗର ପ୍ରବନ୍ଧକ ଦେବାଶିଷ ମହାନ୍ତି ଉତ୍ସବର ମୁଖ୍ୟଅତିଥି ତଥା ସିନିଗାରେନି କୋଲିରିଜ୍ କମ୍ପାନୀର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେକ ଏନ୍.ଶ୍ରୀଧରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ବଳିଷ୍ଠ ନିର୍ଦ୍ଦେଶନାରେ ବହୁ ସଫଳତା ହାସଲ କରିଛି । ବିଶେଷ ଭାବରେ କରୋନା ମହାମାରୀ ସମୟରେ ସମଗ୍ର ଦେଶକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାନ କରି ଉଚ୍ଚ ପ୍ରଶଂସିତ ହୋଇ ପାରିଛି । ଇଫକୋର ଦୂରଦର୍ଶୀ ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଗସ୍ତି ଦୀର୍ଘ ୬୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ମାର୍ଗଦର୍ଶନ ଦେଇ ଇଫକୋକୁ ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଭାବେ ଉଭା ହୋଇପାରିଛି । ବିଭିନ୍ନ ଆପଦକାଳରେ ଇଫକୋ ପାରାଦୀପ ୟୁନିଟ୍ ସାଧାରଣ ଲୋକଙ୍କ ନିକଟରେ ପହଂଚି ସହାୟତା ଯୋଗାଇ ଆସିଛି । ଇଫକୋର ଲୋକାଭୀମୁଖୀ କାର୍ଯ୍ୟ ସବୁବେଳେ ସାଧାରଣ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।








# ଟି ଟାଇମ୍

## ବର ମାରେ ୩ଥର ଶର

ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଗାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ନଭେମ୍ବର ୨୭

# ଅନ୍ୟକୁ ଖୁସି ରଖିବା

ନିରୁପମା ଭୂୟାଁ

ନିତିଦିନିଆ ଜୀବନରେ ଆମେ ଦେଖୁ ପ୍ରାୟତଃ ଆମ୍ଭେମାନେ ନିଜେ ଖୁସିରେ ରହିବାକୁ ଚେଷ୍ଟା କରୁ କିନ୍ତୁ ଅନ୍ୟର ଖୁସିକୁ ଅଣଦେଖା କରିଥାଉ । ନିଜେ ଭଲ ତ ଦୁନିଆ ଭଲ ଏହି ନ୍ୟାୟରେ ଆମ୍ଭେମାନେ ଅଧିକାଂଶ ଜୀବନକୁ ବିତାଇବା ପାଇଁ ଭଲ ପାଇଥାଉ କିନ୍ତୁ ବାସ୍ତବରେ ଜୀବନରେ ଖୁସିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଯୋଗ ଓ ପ୍ରାସଙ୍ଗିକତା ରହିଛି । ଆଧୁନିକ ଜୀବନ ଭରା ଦୁଃଖ, ଯନ୍ତ୍ରଣା ଓ ମାନସିକ ଅବସାଦରେ । ଏହିସବୁ ନକାରାତ୍ମକ ଭାବନାରୁ ଉଦ୍ଧାର ନ ପାଇବାର ମୁଖ୍ୟ କାରଣ ହେଲା କେବଳ ନିଜ କଥା ଓ ନିଜ ସମସ୍ୟା ବିଷୟରେ ଚିନ୍ତା କରିବା । ସେହି ସମୟରେ ଅନ୍ୟକୁ କେମିତି ଖୁସି ରଖିବା, ପରସ୍ପର ସ୍ନେହ ବାଣ୍ଟିବା ସେକଥା ଆମେ କେହି ଚିନ୍ତା ବି କରୁନା । ଦିନେ ଜଣେ ବିତ୍ତଶାଳୀ ମହିଳା ନିଜକୁ ଅବହେଳିତ ମନେ କରି ଖୁସି ସନ୍ଧାନରେ ଗଲେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବାକୁ । ମନସ୍ତତ୍ତ୍ୱବିତ୍ ତାଙ୍କୁ ସାକ୍ଷାତ କରାଇଲେ ଅନ୍ୟ ଜଣେ ମହିଳାଙ୍କ ସହ ଯେକି ବଞ୍ଚି ରହିଛନ୍ତି ଅନ୍ୟର ଖୁସି ଦେଖି । ସେ ମଧ୍ୟ ଅଳ୍ପ ବୟସରେ ନିଜର ସ୍ୱାମୀ ଓ ସନ୍ତାନ ହରାଇ ନିଜେ ମାନସିକ ଯନ୍ତ୍ରଣା ଭିତରେ ରହିଥିଲେ । ଦିନେ ଗୋଟିଏ ଛୋଟ ବିରାଡ଼ି ଛୁଆ ତାଙ୍କ ଗୋଡ଼ ପାଖରେ ଆସି ଘଷିହେଲା ଏବଂ ତାଙ୍କ ସହ ଆସି ରହିଲା । ସେହି ବିରାଡ଼ି ଛୁଆଟି ସ୍ନେହ ଦାବିକଲା ଉକ୍ତ ମହିଳାଙ୍କ ଠାରୁ । ଛୁଆଟିକୁ ସ୍ନେହ ଦେଇ ନିଜ ମୁହଁରେ ହସ ଫୁଟାଇଲେ ମହିଳା ଜଣକ । ତାପରେ ସେ ଅନୁଭବ କଲେ, ନିଜର ସୁଖ ହେଉ କି ଦୁଃଖ ଆମେ ଏମିତି ବୁଡ଼ି ରହୁଛେ ଯେ ଅନ୍ୟମାନଙ୍କ କଥା ଭୁଲିଯାଉଛେ । ପରଦିନଠୁ ସେ ଅନ୍ୟମାନଙ୍କୁ ସାହାଯ୍ୟ କରିବା, ଅନ୍ୟର ମୁହଁରେ ହସ ଫୁଟାଇବା ଲାଗି ଉଦ୍ୟମ ଜାରି ରଖିଲେ ଏବଂ ଜୀବନର ମୂଲ୍ୟ ବୁଝିପାରିଲେ । ଏବେ ବିତ୍ତଶାଳୀ ମହିଳାଜଣକ ବୁଝିପାରିଲେ ଯେ ସ୍ୱାର୍ଥକୈନ୍ଦ୍ରିକ ହେବା ଦ୍ୱାରା ମଣିଷ ସମସ୍ତ ସୁଖକୁ ଜଳାଞ୍ଜଳି ଦେଇ କେବଳ ନିଜ କଥା ଚିନ୍ତା କରୁଛି । ବାସ୍ତବ ଖୁସି ଜଣକୁ ପ୍ରାପ୍ତ ହୋଇଥାଏ ସେତିକି ବେଳେ ଯେତେବେଳେ ଜଣେ ଅନ୍ୟକୁ ଖୁସି ପ୍ରଦାନ କରିବାକୁ ସମର୍ଥ ହୋଇଥାଏ । ନିତିଦିନିଆ ଧାଁ ଧଉଡ଼ ଜୀବନ ଭିତରେ ସୁଖଦୁଃଖ, ଘାତପ୍ରତିଘାତ ଭିତରେ ଭଗବାନ ଅନେକ ସମୟରେ ଆମ୍ଭମାନଙ୍କର ପରୀକ୍ଷା ନେଇଥାନ୍ତି । କଳିଯୁଗରେ ନରରୂପୀ ନାରାୟଣ ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ବ୍ୟକ୍ତିଗତ ସାଧନାରେ ଅନ୍ୟକୁ ଖୁସି ପ୍ରଦାନ କରି ଜୀବନରେ ବାସ୍ତବ ଖୁସି ଅନୁଭବ କରିବାକୁ ଦିବ୍ୟ ମାର୍ଗ ଦେଖାଇଛନ୍ତି । ସେହି ମାର୍ଗରେ ଆମ୍ଭେମାନେ ଅଗ୍ରସର ହେଲେ ଆମ ଜୀବନ ପଥ ଭଗବାନଙ୍କ ଦିବ୍ୟ ଆଶୀର୍ବାଦ ଦ୍ୱାରା ଜୀବନ ସୁଖମୟ ହୋଇଉଠିବ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,*
*ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ବଡ଼ ଓଷା ଓ ଶୈବପୀଠ ଧବଳେଶ୍ୱର



ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶା ପରମ୍ପରା ସହ ଓତଃପ୍ରୋତ ଭାବେ ଜଡ଼ିତ ଧର୍ମମାସ କାର୍ତ୍ତିକର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ବଡ଼ଓଷା । ଏହା କାର୍ତ୍ତିକ ମାସର ଅନ୍ତିମ ଦିବସ ଅର୍ଥାତ୍ ମାସାନ୍ତରେ ପାଳିତ ହୋଇଥାଏ । ଉପକୂଳ ଓଡ଼ିଶା ବିଶେଷକରି କଟକ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଆଦି ସ୍ଥାନରେ ବଡ଼ ଓଷା ବେଶ୍ ଭକ୍ତି ଭାବ ସହକାରେ ପାଳିତ ହୋଇଥାଏ । ଏହି ଦିନରେ ନିଜର ତଥା ଆତ୍ମୀୟମାନଙ୍କ କଲ୍ୟାଣର୍ଥେ ବ୍ରତ ରଖାଯାଇଥାଏ । ବ୍ରତ ରଖିବା ବ୍ୟତୀତ ଆକାଶଦୀପ ଉଠିଥାଏ । ଓଷା ରଖିଥିବା ବ୍ରତଧାରୀମାନେ ଏହି ଦିନ ଉପବାସ ରହିଥାନ୍ତି । ପରଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ଦିଅଁ ଦର୍ଶନ କରି ଭୋଗ ସେବନ କରିଥାନ୍ତି । କଟକ ମହାନଦୀ ତଟରେ ଥିବା ଧବଳେଶ୍ୱର ପୀଠରେ ମହାଆଡ଼ମ୍ବରରେ ଆୟୋଜିତ ହୋଇଥାଏ ଏହି ପର୍ବ । ଏହି ଅବସରରେ ମହାପ୍ରଭୁ ଧବଳେଶ୍ୱରଙ୍କ ଠାରେ ଗଜଭୋଗ ଲାଗି କରାଯାଇଥାଏ । ବ୍ରହ୍ମାଙ୍କ ଦ୍ୱାରା ଶାପଗ୍ରସ୍ତ ହେବା ପରେ ଦେବରାଜ ଇନ୍ଦ୍ର ଧବଳେଶ୍ୱର ପୀଠକୁ ଆସି ଶାପମୁକ୍ତ ହୋଇଥିଲେ ବୋଲି ପଦ୍ମପୁରାଣରେ ବର୍ଣ୍ଣିତ ଅଛି ।

ଦେବଦେବ ମହାଦେବଙ୍କ ପୀଠ ହୋଇଥିବାରୁ ଏଠାରେ ମହାଶିବରାତ୍ରୀ, ଶୀତଳଷଷ୍ଠୀ, ବଡ଼ଓଷା ଓ ଅଶୋକାଷ୍ଟମୀ ଆଦି ପର୍ବପର୍ବାଣୀ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ । ବିଶେଷକରି ବୋଲବମ୍ ଓ କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ପୁରୀ ଶ୍ରୀମନ୍ଦିରପରି ଏଠାରେ ମଧ୍ୟ ପୂର୍ବପୁରୁଷଙ୍କୁ ପିଣ୍ଡ ଦିଆଯାଏ । ଏଥିସହ ପବିତ୍ର କାର୍ତ୍ତିକ ମାସ ସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ । କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଏଠାରେ ମହାପ୍ରଭୁ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ପ୍ରସିଦ୍ଧ ବଡ଼ଓଷା ପଡୁଥିବାରୁ ପୀଠଟି ଚଳଚଞ୍ଚଳ ହୋଇଉଠେ । ଏହିଦିନ ବିଳମ୍ବିତ ରାତ୍ରରେ ପ୍ରଭୁଙ୍କ ବଡ଼ସିଂହାର ବେଶ ଦେଖିବା ପାଇଁ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥାଏ । ବିଡ଼ାନାସୀପଟୁ ଡଙ୍ଗା ଏବଂ ଆଠଗଡ଼ପଟୁ ଝୁଲାପୋଲ ଦେଇ ହଜାର ହଜାର ଭକ୍ତ ଏଠାକୁ ଆସି ବେଶ ଦର୍ଶନ କରିଥାନ୍ତି । ଏଥିସହ ପ୍ରଭୁଙ୍କ ପ୍ରିୟ ଗଜଭୋଗ ପାଇବା ପାଇଁ ରାତି ତମାମ ଉଜାଗର ରୁହନ୍ତି ।

ଧଳା ଓ ଈଶ୍ୱର ଶବ୍ଦର ଏକୀକରଣରୁ ଧବଳେଶ୍ୱର ଶବ୍ଦ ଉତ୍ପତ୍ତି । ଏପରି ନାମକରଣ ପଛରେ ଏକ କିମ୍ବଦନ୍ତୀ ରହିଛି । ଏକଦା ଜଣେ ଚୋର ନିକଟ ଗ୍ରାମରୁ କଳା ବାଛୁରୀକୁ ଚୋରି କରି ଏହି ପୀଠରେ ଲୁଚିଥିଲା । ଏହା ଜଣାପଡ଼ିବା ପରେ ଗ୍ରାମବାସୀ ତାକୁ ଧରିବା ପାଇଁ ମନ୍ଦିର ବାହାରେ ଅପେକ୍ଷା କରିଥିଲେ । ହେଲେ ଚୋର ଗ୍ରାମବାସୀଙ୍କ କୋପରୁ ରକ୍ଷା କରିବା ନିମନ୍ତେ ମନ୍ଦିରରେ ଶିବଙ୍କୁ ଆରାଧନା କରିଥିଲା । ଏଥିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ଅପେକ୍ଷାରତ ଗ୍ରାମବାସୀଙ୍କ ସମ୍ମୁଖରେ ସନ୍ନ୍ୟାସୀ ବେଶରେ ପ୍ରକଟ ହୋଇଥିଲେ । ଗ୍ରାମବାସୀଙ୍କୁ କ୍ରୋଧର କାରଣ ପଚାରିବାରୁ ସେମାନେ ଚୋରି କଳା ବାଛୁରୀ ବିଷୟରେ କହିଥିଲେ । ଏହା ଶୁଣି ସନ୍ନ୍ୟାସୀ ମନ୍ଦିର ଭିତରକୁ ଯାଇ ଧଳା ବାଛୁରୀକୁ ଆଣିଥିଲେ । ଯଦ୍ଦ୍ୱାରା ଗ୍ରାମବାସୀ ମିଛୁଆ ସାବ୍ୟସ୍ତ ହୋଇ ଚୋରକୁ ଯିବା ପାଇଁ ବାଟ ଛାଡ଼ିଥିଲେ । ମହାଦେବ କଳା ବାଛୁରୀକୁ ଧଳା ବାଛୁରୀରେ ପରିଣତ କରିଥିଲେ । ସେଥିପାଇଁ ଧବଳେଶ୍ୱର ନାମକରଣ ହୋଇଥିବା କୁହାଯାଉଛି ।

କେମିତି ଯିବେ : ଭୁବନେଶ୍ୱରରୁ ବାରଙ୍ଗ, ନରାଜ ଓ ବିଡ଼ାନାସୀ ଦେଇ କିମ୍ବା ଚୌଦ୍ୱାର ଦେଇ ଏହି ପୀଠକୁ ଯାଇହେବ । ରାଜଧାନୀରୁ ଏହି ପୀଠର ଦୂରତା ୫୨ କିମି ହୋଇଥିବାବେଳେ କଟକରୁ ୨୭ କିମି । ମନ୍ଦିରକୁ ମହାନଦୀ ଘେରି ରହିଥିବାରୁ ଏହାକୁ ଧବଳେଶ୍ୱର ଦ୍ୱୀପ ବୋଲି ମଧ୍ୟ କୁହାଯାଏ । ୫ବର୍ଷ ପୂର୍ବେ ଲୋକେ ଏଠାକୁ ଡଙ୍ଗା ଦ୍ୱାରା ଯାଉଥିଲେ । କିନ୍ତୁ ବହୁ ସମୟରେ ଦୁର୍ଘଟଣା ଘଟିବାରୁ ପର୍ଯଟକଙ୍କ ସୁରକ୍ଷା ଦୃଷ୍ଟିକୁ ଆଠଗଡ଼ପଟୁ ପାଦଚଲା ଝୁଲନ୍ତା ପୋଲ ନିର୍ମାଣ କରାଯାଇଛି । ମନ୍ଦିରରେ ପହଞ୍ଚିବାକୁ ହେଲେ ଗମନାଗମନର ସାଧନ ଭାବେ ମୁଖ୍ୟତଃ ଡଙ୍ଗା କିମ୍ବା ଝୁଲାପୋଲକୁ ବ୍ୟବହାର କରାଯାଏ । ଏହା ଓଡ଼ିଶାରେ ଦୀର୍ଘତମ ଓ ପ୍ରଥମ ଝୁଲାପୋଲ ଭାବେ ପରିଚିତ । ଏହି ଶୈବପୀଠକୁ ଯିବାର ପ୍ରକୃଷ୍ଟ ସମୟ ହେଉଛି ମେଘୁଆ ପାଗ କିମ୍ବା ଶୀତଋତୁ । ଅନୁକୂଳ ପାଗରେ ଗଲେ ସେଠାକାର ପରିବେଶକୁ ମନ ଭରି ଉପଭୋଗ କରାଯାଇପାରିବ । ସେଠାରେ ନୌକା ବିହାରର ମଧ୍ୟ ସୁଯୋଗ ରହିଛି । ମହାନଦୀରେ ଛିଡ଼ା ହୋଇ ମନ୍ଦିରକୁ ଦେଖିବାର ଦୃଶ୍ୟ ଅତ୍ୟନ୍ତ ମନଲୋଭା । ରହଣି ଲାଗି ଏଠାରେ ପାନ୍ଥିକା ରହିଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ



ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ।ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ ।ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୁଷ୍ଟିକର ଖାଦ୍ୟ ମିଳିବ ।କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ ।

ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ 'ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି । ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚ଼ାରାଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚ଼ାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚ଼ାରଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚ଼ାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚ଼ାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ ।କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚ଼ିନ୍ତାଜନକ ଥିଲା ।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚ଼ାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚ଼ାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚ଼ାରାଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚ଼ାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୁର୍ଦ୍ଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚ଼ତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚ଼ାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚ଼ିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚ଼ିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚ଼ିହ୍ନ ଲଗାଇଛି ।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବ ?ଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧ୍ୱରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଲ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

*ଗୋପାଳପୁର,, ବାଲେଶ୍ୱର,,*
*ମୋବାଇଲ -୭୦୨୦୬୧୧୩୦୦*

# ଚୀନରେ ରହସ୍ୟଜନକ ନିମୋନିଆ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବିଶ୍ୱରେ ଗତ ୧୦୦ବର୍ଷ ମଧ୍ୟରେ ସବୁଠାରୁ ଘାତକ ମହାମାରୀ ସାବ୍ୟସ୍ତ ହୋଇଥିବା କୋରୋନା ଭୂତାଣୁ ଚୀନର ହୁବେଇ ପ୍ରଦେଶର ରାଜଧାନୀ ଉହାନ'ରୁ ଜନ୍ମ ନେଇ ସାରା ବିଶ୍ୱରେ ଆତଙ୍କ ଖେଳାଇ ଦେବାର ପ୍ରାୟ ୪ବର୍ଷ ପରେ ଏବେ ସେହି ଦେଶର ରାଜଧାନୀ ଚୀନ ରାଜଧାନୀ ବେଜିଂ ସମେତ ଲିଆଓନିଙ୍ଗ ଏବଂ ଅନ୍ୟ କେତେକ ସ୍ଥାନରେ ଏନଫ୍ଲୁଞ୍ଜା(ରହସ୍ୟଜନକ ନିମୋନିଆ) ପରି ଭୂତାଣୁ ସଂକ୍ରମଣ ଦିନକୁ ଦିନ ବ୍ୟାପି ଚାଲିଥିବା ରିପୋର୍ଟ ଏବେ ପୁଣି ଜନସାଧାରଣଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି । ରିପୋର୍ଟ ପ୍ରକାଶ ପାଇଛି ଯେ, ଏହି ରହସ୍ୟଜନକ ନିମୋନିଆ ଭୂତାଣୁ ସଂକ୍ରମଣରେ ଚୀନର ଶିଶୁମାନେ ଆକ୍ରାନ୍ତ ହୋଇଛନ୍ତି । ସଂକ୍ରମିତ ଅଂଚଳରେ ଏହି ଭୂତାଣୁ ସଂକ୍ରମଣରେ ଆକ୍ରାନ୍ତ ଶିଶୁମାନଙ୍କ ସଂଖ୍ୟା ଏବେ ସଂଖ୍ୟାରେ ବଢିଚାଲିଛି ଯେ, ହସପିଟାଲଗୁଡିକରେ ଶର୍ଯ୍ୟାର ଗୁରୁତ୍ୱର ଅଭାବ ପରିଲିଖିତ ହୋଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସଂକ୍ରମିତ ଅଂଚଳରେ ସ୍କୁଲଗୁଡିକୁ ବନ୍ଦ କରିଦିଆଯାଇଛି । ଏହା ସତ୍ତ୍ୱେ ଆକ୍ରାନ୍ତ ଶିଶୁଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି । ବେସରକାରୀ ଭାବେ ଆକ୍ରାନ୍ତ ଶିଶୁଙ୍କ ସଂଖ୍ୟା ୧୦ଲକ୍ଷରୁ ଅଧିକ ହେବ ବୋଲି ଆକଳନ କରାଯାଇଥିବାବେଳେ ଚୀନ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ । କେବଳ ଶିଶୁମାନେ ଏହି ଭୂତାଣୁରେ ସଂକ୍ରମିତ ହେଉଥିବାବେଳେ ମହାମାରୀ କୋରୋନା ଭୂତାଣୁ ସଂକ୍ରମଣ ସମୟର ପରିସ୍ଥିତି ଚୀନକୁ ଘେରିଛି । ମାସ୍କ ଓ ପିଇଟି କିଟ୍ ପରିଧାନ ସମ୍ପୃକ୍ତ ଅଂଚଳକୁ ଫେରିଛି । ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ମୁହଁରେ ମାସ୍କ ଓ କିଟ୍ ପରିଧାନ ବାଧ୍ୟତାମୂଳକ କରାଯାଇଥିବାବେଳେ ଘରୁ ବିନା କାରଣରେ ନବାହାରିବା ପାଇଁ ଚୀନ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ରହସ୍ୟଜନକ ନିମୋନିଆ ଭୂତାଣୁ ସଂକ୍ରମଣଜନିତ ପରିସ୍ଥିତି ଦିନକୁ ଦିନ ବଢିଚାଲିଥିବାବେଳେ ଚୀନ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ସେଥିରୁ ସଂକ୍ରମଣକୁ ଅତି ହାଲୁକା ଭାବେ ନେଇଥିବା ମନେହୁଏ । ଉଲ୍ଲେଖ କରାଯାଇପାରେ ଯେ, ଉହାନରେ ମହାମାରୀ କୋରୋନା ଭୂତାଣୁ ସଂକ୍ରମଣ ଆରମ୍ଭ ହେବା ନେଇ ଚୀନ ସରକାର ତଥ୍ୟ ଲୁଚାଇଥିଲେ । ଯାହାର ପରିଣତ ସ୍ୱରୂପ ବିଶ୍ୱର ୨୧୪ ରାଷ୍ଟ୍ରରେ କୋରୋନା ଭୂତାଣୁ ଜନଜୀବନକୁ ଠପ୍ କରିଦେଇଥିବା ବେଳେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିଲା । ବିଶ୍ୱରେ ୧୦କୋଟିରୁ ଅଧିକ ଲୋକଙ୍କର ଜୀବନ ଯାଇଥିବାବେଳେ ୧୦୦କୋଟିରୁ ଅଧିକ ଲୋକ ଭୂତାଣୁରେ ଆକ୍ରାନ୍ତ ହୋଇଥିଲେ । କେବଳ ଏତିକି ନୁହେଁ, ସମଗ୍ର ବିଶ୍ୱର ଅର୍ଥନୀତିକୁ ବିପର୍ଯ୍ୟାସ୍ତ କରି ଦେଇଥିବାବେଳେ ଏବେ ବି ଜନସାଧାରଣ ଅଂଟା ସଳଖି ପାରିନାହାଁନ୍ତି । ଆହୁରି ମଧ୍ୟ କୋରୋନା ଭୂତାଣୁର ଆତଙ୍କ ଏବେ ମଧ୍ୟ କମି ନାହିଁ । ନିକଟରେ ଆମେରିକାର କେତେକ ଅଂଚଳରେ କୋରୋନା ସଂକ୍ରମଣ ପୁଣି ମୁଣ୍ଡ ଟେକିଥିବା ରିପୋର୍ଟ ପ୍ରକାଶ ପାଇଛି । କହିବା ବାହୁଲ୍ୟ ଯେ, ରହସ୍ୟଜନକ ନିମୋନିଆ ଭୂତାଣୁ ସମ୍ପର୍କରେ ଗଣମାଧ୍ୟମର ରିପୋର୍ଟ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଚୀନ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଥିବାବେଳେ ଚୀନ ସରକାର ଦର୍ଶାଇଛନ୍ତି ଯେ, ଏହା ଏକ ସାଧାରଣ ଏକଫ୍ଲୁଞ୍ଜା ସଂକ୍ରମଣ । ଯାହାକୁ ବେଜିଂ ଅତି ଗୁରୁତ୍ୱହୀନ ଭାବେ ଗ୍ରହଣ କରିଥିବା ମନେହୁଏ । ମାଇକୋପ୍ଲାଜମା ନିମୋନିଆରେ ପିଲାମାନେ ସଂକ୍ରମିତ ହୋଇଥିବା କୁହାଯାଇଛି । ଗତ ମେ' ମାସରୁ ଚୀନର ସ୍କୁଲପିଲାଙ୍କ ଠାରେ ଏହି ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଛି । ପିଲାମାନେ ଶ୍ୱାସକ୍ରୀୟାରେ କଷ୍ଟ ଅନୁଭବ କରିବା ପରେ ହସପିଟାଲରେ ଭର୍ତୀ ହୋଇଛନ୍ତି । ବିଭିନ୍ନ ପ୍ରକାରର ନିମୋନିଆ ସଂକ୍ରମଣ ରହିଥିବାବେଳେ ଚୀନରେ ଯେଉଁ ସଂକ୍ରମଣ ଆରମ୍ଭ ହୋଇଛି, ତାର କାରଣ ଓ ଚିକିତ୍ସା ଉପାୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପାଇପାରୁନାହାଁନ୍ତି । ଏହା ଦ୍ୱାରା ଫୁସଫୁସ ସଂକ୍ରମିତ ହୋଇଥିବାରୁ ଏଥିରେ ବ୍ୟକ୍ତିର ମୃତ୍ୟୁ ଆଶଙ୍କା ବୃଦ୍ଧି ପାଇଛି । ଏହି ନିମୋନିଆ ସଂକ୍ରମଣକୁ ନେଇ ହୁ' ସତର୍କତା ଜାରି କରିଛି । ଶ୍ୱାସକ୍ରୀୟାଜନିତ ଅସୁସ୍ଥତା ଆଶଙ୍କାକୁ ଏଡାଇବା ଲାଗି ସତର୍କ ରହିବାକୁ ହୁ' ବିଶ୍ୱବାସୀଙ୍କୁ ପରାମର୍ଶ ଦେଇଛି । ତେବେ ଏହି ନୂଆ ପ୍ରକାରର ରହସ୍ୟଜନକ ନିମୋନିଆ ଭୂତାଣୁର ଲକ୍ଷଣ କୋରୋନା ଭୂତାଣୁ ସଂକ୍ରମଣ ସହ ସମାନ ରହିଥିବା କୁହାଯାଏ । ଯାହା ପୁଣି ଜନସାଧାରଣଙ୍କ ପାଇଁ ଆତଙ୍କର କାରଣ ହୋଇଛି । ହୁ'ର ପରାମର୍ଶ ଅନୁଯାୟୀ ସମ୍ଭାବ୍ୟ ସଂକ୍ରମଣ ନେଇ ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ରର ସରକାର ଆଲର୍ଟ ଜାରି କରିସାରିଲେଣି । ତେବେ ରହସ୍ୟ ଜନକ ନିମୋନିଆ ସମ୍ପର୍କରେ ଚୀନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ନିୟମିତ ତଥ୍ୟ ଯୋଗାଇବା ଉଚିତ । ଯାହାକି ସମଗ୍ର ବିଶ୍ୱ ପାଇଁ ମଙ୍ଗଳକର ହେବ । ଅନ୍ୟ ପକ୍ଷରେ ରହସ୍ୟଜନକ ନିମୋନିଆ ଭୂତାଣୁ ସମ୍ପର୍କରେ ସମସ୍ତ ରାଷ୍ଟ୍ରର ସ୍ୱାସ୍ଥ୍ୟବିଶାରଦମାନେ ସତର୍କ ଓ ସଚେତନ ରହିବା ଜରୁରୀ । ଅନ୍ୟଥା ମହାମାରୀ କୋରୋନା ପରି ଦଶା ଭୋଗିବା ସାର ହେବ ।

*ସମ୍ମାନ ଭବନ,୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ନିର୍ବାଚ଼ନ,ପ୍ରତିଶୃତି ଓ ସଂରକ୍ଷଣ



ପୂର୍ଣଚ଼ନ୍ଦ୍ର ବହଲୀ

ଭାରତ ବର୍ଷ ଏକ ବୃହତ ଗଣତନ୍ତ୍ର ରାଷ୍ଟ୍ର । କ୍ଷମତା ବିକେନ୍ଦ୍ରିକରଣ ନାମରେ ବହୁ ନିର୍ବାଚ଼ନ ଏଠାରେ ହୁଏ । ଭାରତ ବର୍ଷରେ ଯେଭଳି ନିର୍ବାଚ଼ନ ଲାଗିରହିଥାଏ ବୋଧେ କୌଣସି ରାଷ୍ଟ୍ରରେ ଏତେ ନିର୍ବାଚ଼ନ ଦେଖିବାକୁ ମିଳେ ନାହିଁ କ୍ଷ ନିର୍ବାଚ଼ନ କମିଶନଙ୍କ ଦ୍ୱାରା ନିର୍ବାଚ଼ନ ଘୋଷଣା ପରେ ନୂତନ କୌଣସି ଘୋଷଣା / କାର୍ଯ୍ୟ ଇତ୍ୟାଦି ଉପରେ କେତେକ କଟକଣା ଲାଗୁ କରାଯାଏ । କିନ୍ତୁ ବସ୍ତୁତଃ ଏଗୁଡିକର କୌଣସି ଅର୍ଥ ନ ଥାଏ । ନିର୍ବାଚ଼ନ ଇସ୍ତାହାର ନାମରେ ରଜନୀତିକ ଦଳ ମାନେ ଯେଉଁ ଲୋଭନୀୟ ଘୋଷଣା କରନ୍ତି ତାହା କଟକଣା ଭିତରେ ଆସେ ନାହିଁ । ମତାସୀନ ଦଳ ହେଉ ବିରୋଧୀ ଦଳ ହେଉ ଏହା ଭଲଭାବେ ଜାଣିଛନ୍ତି । ତେଣୁ ନିର୍ବାଚ଼ନ ସମୟର ବହୁ ପୂର୍ବରୁ କିଛି ଆକର୍ଷିତ ଯୋଜନା ସରକାରୀ ଦଳ ଘୋଷଣା କରିବା ଆରମ୍ଭ କରିଦିଅନ୍ତି ଓ ବିରୋଧୀ ଦଳ ତାକୁ ଲକ୍ଷ୍ୟ କରି ତଦନୁରୂପ ନୂଆ ନୂଆ ଘୋଷଣା ମଧ୍ୟ ଜନତାଙ୍କ ନିକଟରେ ଅଜାଡି ଦିଅନ୍ତି । ଯେଉଁ ଗୁଡିକ ଅତ୍ୟନ୍ତ ଲୋଭନୀୟ ଓ ଆକର୍ଷଣକାରୀ ତାହା ନିର୍ବାଚ଼ନ ନିକଟବର୍ତ୍ତୀ ସମୟରେ ଇସ୍ତାହାର ମାଧ୍ୟମରେ ଘୋଷଣା କରନ୍ତି । ପୁଣି ଏଥିମଧ୍ୟରୁ କେତେକ ମଧ୍ୟ ପୂର୍ବ ଘୋଷଣାର ନୂଆ ଅବତାର ବା ସଂଶୋଧିତ ରୂପ । ଯେଉଁ ଜନତା ରଜନୀତିକ ଦଳମାନଙ୍କର ଏଭଳି ଚ଼ାଲ ଠିକ ବୁଝନ୍ତି ସେମାନଙ୍କ ସଂଖ୍ୟା କମ ଓ କିଛି ଘୋଷଣାର ବେଶୀ ଭାଗ ଲାଭ ପାଉଥିବା ଓ ବିଶ୍ୱାସ କରିଯିବା ଲୋକଙ୍କ ସଂଖ୍ୟା ଅଧିକ କ୍ଷଏବେ ସରକାରୀ ନିଯୁକ୍ତି ବି ଏକ ପ୍ରଚ଼ାରର ମାଧ୍ୟମ ହୋଇଛି । ବେକାରୀ ସମସ୍ୟା ଆଗରେ ଏହି ନିଯୁକ୍ତି ସଂଖ୍ୟାର ପରିମାଣ ଅତ୍ୟନ୍ତ ସ୍ୱଳ୍ପ । କିନ୍ତୁ ଶାସକ ଦଳ ନିଯୁକ୍ତି ମେଳା ନାମରେ ପ୍ରଚ଼ାର ପ୍ରସାର ମାଧ୍ୟମରେ ନିଯୁକ୍ତି ପତ୍ର ଦିଆଯାଉଛି । ଯଦି ଶାସକ ଦଳମାନେ ଦେଶ ପ୍ରଦେଶରେ ଲୋକହିତକର କାର୍ଯ୍ୟ କରୁଛନ୍ତି ତେବେ କୋଟି କୋଟି ଟଙ୍କା ବିଜ୍ଞାପନ,ପ୍ରଚ଼ାର ପ୍ରସାର ମାଧ୍ୟମରେ କାହିଁକି ବ୍ୟୟ କରୁଛନ୍ତି । ଶିଳ୍ପ ପ୍ରତିଷ୍ଠା, କଳ କାରଖାନା, ଚ଼ାଷ, ଜଳସେଚ଼ନ, ଶିକ୍ଷା ସ୍ୱାସ୍ଥ୍ୟର ଉନ୍ନତି ଦିଗରେ, ନିଯୁକ୍ତି କ୍ଷେତ୍ରରେ ସେମାନେ କେତେ ଅଗ୍ରଗତି କରିଛନ୍ତି ରଜନୀତିକ ଦଳମାନେ ତାଙ୍କ ଘୋଷଣାରେ ବା ନିର୍ବାଚ଼ନୀ ସଭାର ବୟନବାଜିରେ କୌଣସି ଅଗ୍ରାଧିକାର ଦେବା ପରିଲକ୍ଷିତ ହୁଏ ନାହିଁ କାରଣ ଯେଉଁ ଜନତାଙ୍କ ଭୋଟରେ କ୍ଷମତା ପାଇବା ସହଜ ତାଙ୍କ ପାଖରେ ଏଗୁଡିକର ଅର୍ଥ କିଛି ନ ଥାଏ ସେମାନେ ଜାଣନ୍ତି କ୍ଷଣିକ ପ୍ରଲୋଭନ ଓ ଆଶ୍ୱାସନା ସେମାନଙ୍କ ପାଇଁ ଅମୃତତୁଲ୍ୟ । ଏଭଳି ବି ଦେଖାଯାଏ ବହୁ ଦିନ ଧରି ଉପେକ୍ଷିତ ମଣିଷଟିଏ ଯଦି ହଠାତ କିଛି ପାଇଯାଏ ସେଥିରେ ସେ ସନ୍ତୁଷ୍ଟ ହୋଇଯାଏ । ତାକୁ କିଏ ମିଛ କହିଲା କିଏ ସତ କହିଲା ଦେଶରେ କଣ ହେଲା ନ ହେଲା ତାହା ସେମାନଙ୍କ ପାଇଁ ଗୌଣ । ଭାରତ ବର୍ଷରେ ପ୍ରତ୍ୟେକ ରଜନୀତିକ ଦଳ ଅନ୍ୟର ଦୋଷ ଦୁର୍ବଳତାକୁ ଯେତେ ଆଡମ୍ବର ସହକାରେ ବର୍ଣ୍ଣନା କରନ୍ତି ସେମାନଙ୍କର କିଛି ଭଲ କାମକୁ ପ୍ରଶଂସା କରିବା ଉଚ଼ିତ କିନ୍ତୁ ତାହା କରାଯାଏ ନାହିଁ । ଫଳରେ ସହନଶୀଳତା ଅଭାବରୁ ବହୁ ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ଏବେ ରାଜନୀତି ଲୋକଙ୍କର ସେବା ନ ହୋଇ ବ୍ୟବସାୟିକ ହେଲାଣି । କୌଣସି ସାମାଜିକ ସଂଗଠନ ସହ ହେଉ ବା ବ୍ୟକ୍ତିଗତ ଭାବେ ହେଉ ଜନତାଙ୍କ ସୁଖଦୁଖରେ ସାମିଲ ନ ହୋଇ ମଧ୍ୟ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ବ୍ୟକ୍ତିବିଶେଷ ରଜନୀତିକ ଦଳରେ ସାମିଲ ହେଉଛନ୍ତି । କ୍ଷମତା ପ୍ରତିପତ୍ତି ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରାଇବାର ଅଭିପ୍ରାୟ ମଧ୍ୟରେ ସେମାନେ ରଜନୀତିକ ଦଳ ମଧ୍ୟରେ ନିଜର ସ୍ଥାନ ସୁଦୃଢ଼ କରନ୍ତି ଓ ଦୀର୍ଘବର୍ଷ ଧରି ଜନସାଧାରଣଙ୍କ ସୁଖ ଦୁଃଖରେ ସାମିଲ ହୋଇଥିବା କର୍ମୀ ଭକୁଆ ହୋଇ ରହିଯାଆନ୍ତି । ସେହିଭଳି ନିର୍ବାଚ଼ନ ସମୟ ପାଖେଇ ଆସିଲେ ଦେଶର ବିଭିନ୍ନ ସ୍ଥାନରେ ସଂରକ୍ଷଣ ନେଇ ଆନ୍‌ଦୋଳନ ଓ ରଜନୀତିକ ଦଳ ମାନଙ୍କରେ ବୟନବାଜି ବି ଦେଖିବାକୁ ମିଳେ । କେଉଁଠି ପୃଥକ ରାଜ୍ୟ, କେଉଁଠି ନିଜ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ଦାବି ଜୋର ଧରେ । ଏ ଦିଗରେ ସଦ୍ୟତମ ଉଦାହରଣ ଜାତିଗତ ଜନଗଣନା । ଜାତିଗତ ଜନଗଣନାର ଆବଶ୍ୟକତା ଓ ଏହାର ପ୍ରଭାବ ସମାଜ ଉପରେ କିପରି ପଡିବ କେହିଚ଼ିନ୍ତା କରୁ ନଥିବା ଉପଲବ୍ଧି ହୁଏ । ଆଜି ପର୍ଯ୍ୟନ୍ତ ଯେତେ ସଂରକ୍ଷଣ ବ୍ୟବସ୍ଥା ହୋଇଛି ତାହାକୁ କେତେ କାର୍ଯ୍ୟକାରୀ କରାଯାଇଛି ଓ କଣ ସୁଫଳ ମିଳିଛି ତାହାର ବର୍ଷୱାରୀ ହିସାବ ସାଧାରଣ ଲୋକ ବା ସଂରକ୍ଷଣ ଅନ୍ତର୍ଭୁକ୍ତ ଲୋକ ଜାଣି ପାରେନାହିଁ । ଅଥଚ଼ ନୂତନ ସଂରକ୍ଷଣ ବ୍ୟବସ୍ଥା ସୃଷ୍ଟି କରି ଜାତି ଜାତି ମଧ୍ୟରେ ବିଭେଦ ସୃଷ୍ଟି କରାଯାଏ କ୍ଷ ଏହାଦ୍ୱାରା ହୁଏତ ଶାସନ ଡୋରି ହାତରେ ରଖିବା ସହଜ ହେବାର ଏକ ମାଧ୍ୟମ ବୋଲି ବିବେଚ଼ନା କରାଯାଇପାରେ କିନ୍ତୁ ଦେଶରେ ଯେ ପରସ୍ପରମଧ୍ୟରେ ଘୃଣାର ଭାବ ବୃଦ୍ଧି କରାଯାଏ ଏହା ଜାଣି ମଧ୍ୟ ରଜନୀତିକ ଦଳ ନିଆଁ ଲଗାନ୍ତି । ଦେଶର ଗୋଟିଏ ବିଭାଜନ ଆଜି ବି ପ୍ରଶ୍ନବାଚ଼ୀ ହୋଇ ଲୋକଙ୍କ ମନରେ ଖେଳିବୁଲୁଥିବା ବେଳେ ଜାତିଗତ ଜନଗଣନା ଜାତିର ଉନ୍ନତି ପାଇଁ ନା କ୍ଷମତାକୁ ହାତେଇଇବା ପାଇଁ ଉଦ୍ଦିଷ୍ଟ ତାହା ଅଳ୍ପବହୁତ ସମସ୍ତେ ଜାଣୁଥିଲେ ମଧ୍ୟ ଏହା ବିଭିନ୍ନ ଜାତିର ଭାବାବେଗ ଓ ଭୋଟ ସହ ଜଡିତ ଯୋଗୁ ବହୁ ରଜନୀତିକ ଦଳ ନିରବ ରହିବାକୁ ଉଚ଼ିତ ମନେ କରନ୍ତି । ଯଦି ଜନସଂଖ୍ୟା ଆଧାରରେ ଜାତିଗତ ସଂଖ୍ୟାକୁ ନେଇ ପୁନଶ୍ଚ ନୂଆ ସଂରକ୍ଷଣ ବ୍ୟବସ୍ଥା କରାଯାଏ ତେବେ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି ହେବ କ୍ଷ କାରଣ ଜନ୍ମ ନିୟନ୍ତ୍ରଣ ଉପରେ ଯେଉଁ ଗୋଷ୍ଠୀ ପ୍ରାଧାନ୍ୟ ଦେବ ସେହି ସଂଖ୍ୟା ସମାଜରେ କମି କମି ଯିବ କ୍ଷ ହୁଏ ତ ଡାକରା ଦିଆଯିବ ସଂଖ୍ୟା ବଢ଼ାଅ ସଂରକ୍ଷଣ ସୁବିଧା ନିଅ । ଏହା ଦ୍ୱାରା ଦେଶ ଉନ୍ନତି ଆଡକୁ ଯିବକି ଅବନ୍ନତି ଆଡକୁ ଯିବ କ୍ଷମତା ଲୋଭରେ ଜନସାଧାରଣକୁ ବର୍ଷ ବର୍ଷ ଧରି ଭୁଆଁ ବୁଲାଉଥିବା ଦଳ ଜାଣି ସୁଦ୍ଧା ନିଆଁ ସହ ଖେଳୁଛନ୍ତି । ବରଂ ପ୍ରଥମେ ଜାତିଗତ ଜନଗଣନା ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥାର ପକ୍ଷପାତି ଦଳମାନେ ନିଜ ଦଳରେ ଓ ଶାସନ କରୁଥିବା ରାଜ୍ୟରେ ଆନୁପାତିକ ଭାବେ କ୍ଷମତା ବଣ୍ଟନ କରି ଆଦର୍ଶ ସୃଷ୍ଟି କରନ୍ତୁ । ଦେଶରେ ରୋଜଗାର ସଂଖ୍ୟା ବୃଦ୍ଧି କରିବା ପାଇଁ ଭିତିଭୂମି ପ୍ରସ୍ତୁତ କରନ୍ତୁ । କିନ୍ତୁ ନୂତନ କର୍ମସଂସ୍ଥାନ /ରୋଜଗାର ବୃଦ୍ଧିର କୌଣସି ଭିତିଭୂମି ନ କରାଯାଇ ସଂରକ୍ଷଣ ନାମରେ ଏକ ପ୍ରହେଳିକା ସୃଷ୍ଟିକରିବା ଓ ଲୋକଙ୍କ ଭାବାବେଗ ସହ ଖେଳି କ୍ଷମତାରେ ରହିବା ଏକ ଚ଼ାଲ । ଦେଶର ଭିତ୍ତିଭୂମି ସୁଦୃଢ କରିବା, କୃଷି କଳକାରଖାନା, ଆତ୍ମନିର୍ଭରଶୀଳ ହେବା, ଶିକ୍ଷାକୁ ଘରେ ଘରେ ପହଞ୍ଚାଇବା, ଜୀବନ ଧାରଣର ମାନଦଣ୍ଡ ବୃଦ୍ଧି କରିବା, ବିବିଧତା ମଧ୍ୟରେ ଏକତା ସୂତ୍ରରେ ବାନ୍ଧିହେବ ଓ ଦେଶର ଉନ୍ନତି ପାଇଁ ସମସ୍ତେ ମିଳିତ ଭାବେ କିଭଳି ମୁଖ୍ୟ ସ୍‌ରୋତରେ ସାମିଲ ହେବେ ସେଥିରେ ଅସଫଳ ହେଉଥିବା ଶାସକ ମନେ କିଛି କିଛି ଲୋଭନୀୟ ପ୍ରତିଶୃତି, ମାଗଣା ବଣ୍ଟନ, ରିହାତି ଯୋଜନାରେ ଖଟିଖିଆ, ଅନୁନ୍ନତ ଶ୍ରେଣୀର ଭୋଟର ଓ ଏଥିରୁ ଫାଇଦା ନେଉଥିବା ଲୋକଙ୍କୁ ହାତରେ ରଖି ନିର୍ବାଚ଼ନ ଜିତିବାର କୌଶଳ ଦେଶ ପାଇଁ ଯେ କେତେ ହାନିକାରକ ତାହା ଅକାଳ୍ପନିୟ କ୍ଷ ଯେ ପର୍ଯ୍ୟନ୍ତ ଜନ ସଚେତନତା ବୃଦ୍ଧି ନ ହୋଇଛି ସେ ପର୍ଯ୍ୟନ୍ତ ସଂରକ୍ଷଣ, ମାଗଣା ଓ ରିହାତି ଇତ୍ୟାଦିରେ ଭୁଲିଯାଇ ଭୋଟରଟିଏ ହୋଇ ରହିବ ସିନା ଦେଶ ସମାଜ ଓ ଜାତିର ଉନ୍ନତିରେ ଆଶାନୁରୂପ ଅଗ୍ରଗତି ହେବା ଅସମ୍ଭବ ମନେ ହୁଏ ।

*ପୂର୍ବତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ ତଥା ଅବସରପ୍ରାପ୍ତ ସହସଚ଼ିବ,*
*ସମ୍ପାଦକ ଶିବାନୀ, ଭଦ୍ରକ*




# ଆଦିବାସୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଜନସଚେତନତା ଶୋଭାଯାତ୍ରା



ବାଲିଗୁଡା,(ପି.ଏନ): ଯୁବ ପ୍ରତିଭା ମାନଙ୍କୁ ଲୋକ ଲୋଚ଼ନକୁ ଆଣିବା ସହିତ ସେମାନଙ୍କୁ ଏକ ସଚେତନ ଯୁବକ ଯୁବତୀ ଭାବେ ଗଢି ତୋଳିବା ନିମନ୍ତେ ରାଜ୍ୟ ସରକାର ତଥା ଉଚ୍ଚ଼ ଶିକ୍ଷା ବିଭାଗ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଗୁଡିକରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ "୯ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା' ଆରମ୍ଭ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଆଗାମୀ ଡିସେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଉଚ୍ଚ଼ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡିକରେ କ୍ରୀଡା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ କରାଯିବ ଏବଂ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ। ଏହି ପରିପ୍ରେକ୍ଷୀରେ ଶନିବାର ସ୍ଥାନୀୟ ଆଦିବାସୀ ଉଚ୍ଚ଼ ମାଧ୍ୟମିକ ବିଦ୍ୟାଳୟ ଓ ଆଦିବାସୀ ସ୍ନାତକ ମହାବିଦ୍ୟାଳୟ ଠାରେ ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଜନ ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ କାର୍ତ୍ତିକ ଚ଼ନ୍ଦ୍ର ସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସମନ୍ୱୟ ଅଧିକାରୀ ଡ଼.ବିଭୂତିଭୂଷଣ ଆଚ଼ାର୍ଯ୍ୟ, କାର୍ଯ୍ୟକ୍ରମ ସଂଯୋଜକ ଡ଼.ସୁଶାନ୍ତକୁମାର ଦାସ, ମାନସ ରଞ୍ଜନ ପ୍ରଧାନ, ହିମାଂଶୁ ଚ଼ରଣ ସାହୁ, ଅରୁନ୍ଧତୀ ପ୍ରଧାନ ଦୁଷ୍ମନ୍ତ କୁମାର ଶବର, ଶିବ ମାଝୀ, ଗଙ୍ଗାଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ "୯ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା' ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାନ ଦେଇ ପ୍ଲାକାର୍ଡ ଧରି ବାଲିଗୁଡ଼ାର ମୁଖ୍ୟ ସହର, ବଜାର ଛକ, ବସଷ୍ଟାଣ୍ଡ , ପାଟଖଣ୍ଡା ସାହି ଦେଇ ମହାବିଦ୍ୟାଳୟ ଓ ଉଚ୍ଚ଼ ମାଧ୍ୟମିକ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିଅମ ପରିସରରେ ଥିବା ଇଣ୍ଡୋର ହଲରେ ଛାତ୍ର ଛାତ୍ରୀ ଙ୍କୁ ନେଇ ଚେସ ପ୍ରତିଯୋଗିତା ହୋଇଥିଲା କ୍ଷ

# ପୂର୍ବତନ ବ୍ଲକ ଅଧକ୍ଷ ସାକା ବାଲାଜୀ ଙ୍କ ପ୍ରତିମୂର୍ତ୍ତି ଉନ୍‌ମୋଚ଼ନ





କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର) (ପି.ଏନ):କୁକୁଡାଖଣ୍ଡି ସରପଞ୍ଚ ତଥା ପୂର୍ବତନ ବ୍ଲକ ଅଧକ୍ଷ ସ୍ୱର୍ଗତ ସାକା ବାଲାଜୀ ଙ୍କ ପ୍ରତିମୂର୍ତ୍ତି କୁ ପୂର୍ବତନ ବାଚ଼ସ୍ପତି ଚ଼ିନ୍ତାମଣି ମଣି ଦ୍ୟାନ ସାମନ୍ତରାୟ କୁକୁଡାଖଣ୍ଡି ମୁକ୍ତ ?ଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉନ୍‌ମୋଚ଼ନ କରିଛନ୍ତି କ୍ଷ ଆତସ ବାଦି,ବାଇଦ ବାଜଣା ମାଧ୍ୟମରେ ହଜାର ହଜାର ଶୁଭେଚ୍ଛୁ ଙ୍କ ଗହଳ ରେ ଅତିଥି ମାନଙ୍କୁ ପାଛୋଟି ନିଆଯାଇଥିଲା କ୍ଷ କୁକୁଡାଖଣ୍ଡି ରଥ ଚ଼କଡ଼ା (ବଡ଼ଦାଣ୍ଡ) ଛକ ରେ ସାକା ବାଲାଜୀ ଙ୍କ ଜୀବନ ଶୈଳୀ କୁ ନେଇ ଏକ ବିରାଟ ସୃତି ସଭା ଅନୁଷ୍ଠିତ ହୋଇଥିଲା କ୍ଷ ସଭାରେ ଅବସରପ୍ରାପ୍ତ ଜିଲ୍ଲାପାଳ ଡି. ଜଗନ୍ନାଥ ସଭାପତିତ୍ୱ କରିଥବା ବେଳେ ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ. ମଣିବାବୁ ମଞ୍ଚ ପରିଚ଼ାଳନା କରିଥିଲେ କ୍ଷ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ସାଙ୍ଗକୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା କ୍ଷ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚ଼ସ୍ପତି ଚ଼ିନ୍ତାମଣି ଦ୍ୟାନ ସାମନ୍ତରାୟ ଯୋଗ ଦେଇଥିବା ସ୍ଥଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ଡ଼. ତ୍ରିନାଥ ବେହେରା ସାକା ବାଲାଜୀ ଜଣେ ଦରଦୀ ମଣିଷଗରିବ ର ବନ୍ଧୁ ବୋଲି ସମ୍ବୋଧନ କରିଥିଲେ କ୍ଷ ଏଲମା ସମାଜ ପକ୍ଷରୁ ଅଦଲ ନନ୍ଦ କିଶୋର ଜୀବନ କାହାଣୀ କୁ ନେଇ ଆଦୃତ ସ୍ମରଣିକା ପଠନ କରିବା ସାଙ୍ଗକୁ ମଞ୍ଚ ଉପରେ ବସିଥିବା ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ କ୍ଷ ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ପୂର୍ବତନ ବିସିସି ବ୍ୟାଙ୍କ ସଭାପତି ଡି. ବିଶ୍ୱନାଥ ଗଞ୍ଜାମ ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ପ୍ରମୋଦ ଜେନା ବରିଷ୍ଠ ସାମ୍ବାଦିକ ରବି ରଥ,ବିଜେପି ନେତା ମହନ୍ତ ଚ଼ିନ୍ମୟାନନ୍ଦ ମହାରାଜ, ସୁଦର୍ଶନ ସେଠି, ସମବାୟ ସମିତି ସଙ୍ଘ ର ସଭାପତି କୈଳାଶ ରଣା, ସମାଜସେବୀ ଦିଲୀପ କୁମାର ପାତ୍ର, ନିତ୍ୟାନନ୍ଦ ଦଳେଇ,କାଞ୍ଚିଲି ର ୱାଇଏସଆର ନେତା ଇପିଲି କ୍ରିଷ୍ଣା, କାଞ୍ଚିଲି ର ପୂର୍ବତନ ବ୍ଲକ ଅଧକ୍ଷା ଇପିଲି ଲିଲା,ଆଇନଯିବି ଡି. ଶଙ୍କର ଆଚ଼ାରୀ,ଏଲେମା ସମାଜ ର ସଭାପତି ଅଦଲ କ୍ଷେତ୍ରବାସୀ, ଅଦଲ ଚ଼କ୍ରପାଣି ସାକା ଅଜିତ ଅଦଲ ଚେନେୟା, କୈଳାସ ନାହାକ, ସାକା ରଜତ, ବନମାଳୀ ଜେନା, ଗଦାଧର ଜେନା, ସୁକାନ୍ତ ପାତ୍ର,ପି. ? ସୁମନ ଦାସ, କାମରାଜ ଡାକୁଆ ସମେତ ପାଞ୍ଚ ହଜାର ଲୋକ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା କ୍ଷ ଆଇନ ଶୃଙ୍ଖଳା ନିୟନ୍ତଣ କୁ ଦୃଷ୍ଟି ରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା କ୍ଷ ଶେଷରେ ଏହି କାର୍ଯ୍ୟକ୍ରମ ର ଆୟୋଜକ ତଥା ସାକା ବାଲାଜୀ ଙ୍କ ସୁପୁତ୍ର ସାକା ସୁଜିତ ଧନ୍ୟବାଦ ପ୍ରଦାନ ପ୍ରଦାନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର ଙ୍କ ସହ ବିଭିନ୍ନ ଦଳର ନେତା ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ କ୍ଷ କାର୍ଯ୍ୟକ୍ରମ ରେ ସ୍ୱର୍ଗତ ବାଲାଜୀ ଙ୍କ ଘନିଷ୍ଠ ପୂର୍ବତନ ବିଧାୟକ ଓ ନେତା ଯୋଗ ଦେଇଥିବାରୁ ଏବଂ ପୂର୍ବରୁ ସାକା ସୁଜିତ୍ ଦିଗପହଣ୍ଡି ରୁ ଦୁଇ ଥର କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚ଼ିନ ଲଢିଥିଲେ। ସାଧାରଣ ନିର୍ବାଚ଼ନ ପୂର୍ବ ରୁ ବର୍ତମାନ ପ୍ରତିମୂର୍ତ୍ତି ଉନ୍‌ମୋଚ଼ନ ଓ ବିଭିନ୍ନ ଦଳୀୟ ନେତାଙ୍କୁ ଏକାଠି ଗୋଟିଏ ମଞ୍ଚରେ ଆମନ୍ତ୍ରିତ କରି ନିଜ ର ଶକ୍ତି ପ୍ରଦର୍ଶନ କରିଥିବା ରାଜନୈତିକ ମହଲ ରେ ଚ଼ର୍ଚ଼ା ଯୋର୍ ଧରିଛି।

# ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ପୂର୍ବ ତଟ ରେଳପଥ ଦ୍ୱାରା ଆଜି ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ରେଳପଥର ଅତିରିକ୍ତ ମହାପ୍ରବନ୍ଧକଙ୍କ ଶ୍ରୀ ଶର୍ମାଙ୍କ ନେତୃତ୍ୱରେ ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ବରିଷ୍ଠ ଅଧିକାରୀ, କର୍ମଚ଼ାରୀ ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଦସ୍ୟାମାନେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା (ପ୍ରିୟାମ୍ବୁଲ) ପଢିଥିଲେ । ଏହା ବ୍ୟତୀତ ପୂର୍ବତଟ ରେଳପଥର ସମସ୍ତ ତିନୋଟି ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର ଓ ସ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ରେଳ ଷ୍ଟେସନରେ ମଧ୍ୟ ଏହି ଦିବସ ପାଳନ କରାଯାଇଥିଲା । ଦୂର ଉପାନ୍ତ ସ୍ଥାନ ମାନଙ୍କରେ ଥିବା ରେଳବାଇ ଏବଂ ଅଧିକାରୀମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ ସ୍ଥାନରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପଠନ କରିଥିଲେ ରେଳପଥର ପ୍ରମୁଖ କାର୍ମୀକ ଅଧିକାରୀ ଶ୍ରୀ ସିଦ୍ଧାର୍ଥ କାଟି ଏବଂ ମୁଖ୍ୟ କାର୍ମୀକ ଅଧିକାରୀ ଶ୍ରୀ ସୂର୍ଯ୍ୟ ପ୍ରକାଶ ଏହି କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ ।

# ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ବୋଇତ ବନ୍ଦାଣର ସନ୍ଦେଶ



ଭୁବନେଶ୍ୱର(ପି.ଏନ): ଆଜି ହେଉଛି ପବିତ୍ର କାର୍ତ୍ତିକ ପୁନେଇଁ । ଉତ୍କଳୀୟ ପରମ୍ପରାରେ ସାଧବ ପୁଅର ନୌବାଣିଜ୍ୟର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଦିନଟିଏ । ଏହି ଦିନଟିରେ ପ୍ରତ୍ୟେକ ଓଡ଼ିଆ ଶ୍ରଦ୍ଧା, ସମ୍ମାନର ସହ ବୋଇତକୁ ବନ୍ଦାପନା କରି ବିଭିନ୍ନ ଜଳାଶୟରେ ଭସାଇଥା଼ି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ସ୍ଥିତ 'ଚିତ୍ରଶାଳା' ଅନୁଷ୍ଠାନର କୁନି ଚିତ୍ରଶିଳ୍ପୀମାନେ ଏକାଠି ହୋଇ ରଙ୍ଗ, ବେରଙ୍ଗ କାଗଜରେ ପରିବେଶ ଅନୁକୂଳ ଅର୍ଥାତ୍ ଇକୋ-ଫ୍ରେଣ୍ଡଲି ଡଙ୍ଗା ତିଆରି କରି ଓଡ଼ିଆ ଘରର ବିଧି ଅନୁଯାୟୀ ଡଙ୍ଗାକୁ ପୂଜାର୍ଚ୍ଚନା କରି ଏକ ଅସ୍ଥାୟୀ କ୍ଷୁଦ୍ର ଜଳାଶୟରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଛନ୍ତି । ଜନସଚେତନତା ଉଦ୍ଦେଶ୍ୟରେ ଦେଇଛନ୍ତି ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ବୋଇତ ବନ୍ଦାଣ ଉତ୍ସବର ସନ୍ଦେଶ । ଏ ସମ୍ପର୍କରେ କୁନି ଚିତ୍ରଶିଳ୍ପୀମାନେ କୁହନ୍ତି ଜଳ ହେଉଛି ଏକ ମୂଲ୍ୟବାନ ପ୍ରାକୃତିକ ସମ୍ପଦ । କଥାରେ ଅଛି ଜଳ ହିଁ ଜୀବନ । ଧର୍ମ ନାଁ ରେ ଜଳକୁ ଆମେ ଦୂଷିତ କରିବା ନାହିଁ । ଧର୍ମ ଠାରୁ ବହୁ ଉର୍ଦ୍ଧ୍ୱରେ ଆମର ଏ ଜଳ ସମ୍ପଦ । ଏହି ପବିତ୍ର ଦିନଟିରେ ଆମେ ସମସ୍ତେ ପରିବେଶ ଅନୁକୂଳ ଡଙ୍ଗା ଏବଂ ଅସ୍ଥାୟୀ ଜଳାଶୟର ବ୍ୟବହାର ଲାଗି ଗୁରୁତ୍ୱ ଦେବା ଉଚିତ୍ । ନଚେତ୍ ଏ ଜଳ ଉତ୍ସ ଗୁଡ଼ିକ ମରିଯିବ । ଶେଷରେ କୁନି ଚିତ୍ରଶିଳ୍ପୀମାନେ ଏହି ଅବସରରେ ଜଳ ବଞ୍ଚାଅ, ଜୀବନ ବଞ୍ଚାଅ ନୀତିକୁ ଆପଣେଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । କାର୍ଯ୍ୟକ୍ରମକୁ ଚିତ୍ରଶାଳାର ପ୍ରତିଷ୍ଠାତା ଅନସୂୟା ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘର ସ୍ପଷ୍ଟିକରଣ

ଭୁବନେଶ୍ୱର,(ପି.ଏନ):ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘର ସାଧାରଣ ସଂପାଦକ ଶ୍ରୀରଂଜନ ମହାନ୍ତି ଜଣାଇଛନ୍ତି ଯେ, ବିଗତ କିଛି ଦିନ ତଳେ ଶ୍ରୀ ସେଖ୍ ଅବଦୁଲ୍ଲା ନାମକ ଜୈନକ ବ୍ୟକ୍ତି ନିଜକୁ ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘର ସାଧାରଣ ସଂପାଦକ ବୋଲି ପରିଚୟ ଦେଇ ଆସନ୍ତା ନଭେମ୍ବର ୨୪.୧୧.୨୦୨୩ତାରିଖ ଠାରୁ ୨୮.୧୧.୨୦୨୩ରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପୁରୁଣା ଭୁବନେଶ୍ୱର ଠାରେ ଏକ ରାଜ୍ୟ ସ୍ତରୀୟ କ୍ୟାରମ୍ ପ୍ରତିଯୋଗୀତ ହେବ ବୋଲି କେତେ ସମ୍ବାଦ ପତ୍ରରେ ପ୍ରକାଶିତ କରିଥିଲେ। ଏହାଛଡ଼ା ଶ୍ରୀ ଅବଦୁଲ୍ଲା ନୋଟିସ୍ ମାଧ୍ୟମରେ ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘର ନିର୍ବାଚନ ମଧ୍ୟ ଆସନ୍ତା ୨୬.୧୧.୨୦୨୩ତାରିଖରେ ଶହିଦନଗରସ୍ଥିତ ଏକ ମନ୍ଦିରରେ ଅନୁଷ୍ଠିତ ହେବ ବୋଲି ସଂପାଦକ ଶ୍ରୀ ରଂଜନ ମହାନ୍ତି ସମ୍ବାଦପତ୍ରକୁ ଏକ ସ୍ପଷ୍ଟିକରଣ ମାଧ୍ୟମରେ ଜଣାଇଛନ୍ତି ଯେ ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘର ଏହିପରି କୌଣସି ଯୋଜନା ନାହିଁ କି ଓଡ଼ିଶା ରାଜ୍ର କ୍ୟାରମ୍ ସଂଘ ଉପରୋକ୍ତ ତାରିଖରେ କୌଣସି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁନାହିଁ କି ସଂଘର କୌଣସି ନିର୍ବାଚନ କରିବାର ଯୋଜନା ମଧ୍ୟ ହୋଇନାହିଁ।ଏହି ମର୍ମରେ ଓଡ଼ିଶା ରାଜ୍ୟ କ୍ୟାରମ୍ ସଂଘର ସାଧାଣ ସଂଘର ସଂପାଦକ ନିରଂଜନ ମହାନ୍ତି ଭୁବନେଶ୍ୱର ଅଦାଲତରେ ଏହା ବିପକ୍ଷରେ ଏକ ମକଦ୍ଦମା ଦାୟର କରି ଅଦାଲତର ଆଶ୍ରୟ ନେଇଥିଲେ । ଅଦାଲତ ମକଦ୍ଦମାକୁ ଗ୍ରହଣ କରି ଶ୍ରୀ ଅବଦୁଲ୍ଲାଙ୍କୁ ଏପରି ବେଆଇନ୍ କାର୍ଯ୍ୟରୁ ନିବୃତ ରହିବା ସହିତ ତାଙ୍କ ବିରୁଦ୍ଧରେ ସ୍ଥିତାବସ୍ଥା ଜାରି କରିଛନ୍ତି ବୋଲି ଓଡ଼ିଶଶ ରାଜ୍ୟ କ୍ୟାରମ୍ ସଂଘର ସାଧାରଣ ସଂପାଦକ ଶ୍ରୀ ରଂଜନ ମହାନ୍ତି ସମ୍ବାଦ ପତ୍ରକୁ ଜଣାଇଛନ୍ତି ।






# ଚୁଡ଼ଙ୍ଗଗଡ଼-ବାରଙ୍ଗର ବିକାଶ ଓ ପୁନରୁଦ୍ଧାର ପାଇଁ ମିଳିତ ଭାବେ କାମ କରିବା: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,(ପି.ଏନ): ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ରଖୁଥିବା ଚୁଡ଼ଙ୍ଗଗଡ଼-ବାରଙ୍ଗର ବିକାଶ ଓ ପୁନରୁଦ୍ଧାର ପାଇଁ ଆମକୁ ମିଳିତ ଭାବେ ଦାୟିତ୍ୱ ନେଇ କାମ କରିବାକୁ ପଡ଼ିବ ବୋଲି ରବିବାର ଷଷ୍ଠତମ ଚୁଡ଼ଙ୍ଗଗଡ଼-ବାରଙ୍ଗ ମହୋତ୍ସବ-୨୦୨୩ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନେକ ଇତିହାସର ମୁକସାକ୍ଷୀ ତଥା ପଦ୍ମପୋଖରୀର ଏହି ଅଞ୍ଚଳକୁ ଆସିବା ମୋ ପାଇଁ ସୌଭାଗ୍ୟର ବିଷୟ । ମାଦଳାପାଞ୍ଜି ଅନୁସାରେ ନବମ ଶତାବ୍ଦୀରେ ସୋମବଂଶୀ ରାଜା ଲଲାଟେନ୍ଦୁ କେଶରୀଙ୍କ ଦ୍ୱାରା ସାରଙ୍ଗଗଡ଼ର ନିର୍ମାଣ ଏଠାରେ ହୋଇଥିଲା । ଅର୍ଥାତ୍ ୧୨ ଶହ ବର୍ଷ ପୂର୍ବରୁ ଏଠାରେ ଜନବସତି ଥିଲା । ପରବର୍ତ୍ତୀ କାଳରେ ଗଙ୍ଗବଂଶୀ ରାଜା ଅନନ୍ତବର୍ମନ୍ ଚୋଡ଼ଗଙ୍ଗ ଦେବ ଏହି ଦୁର୍ଗକୁ ଦଖଲ କରିବା ପରେ ଏହାକୁ ଚୁଡ଼ଙ୍ଗଗଡ଼ ଭାବେ ନାମିତ କରାଯାଇଥିବା ଇତିହାସକାରମାନେ ମତ ଦିଅନ୍ତି ।ବାରଙ୍ଗ ଅଞ୍ଚଳ କାଚ଼ କାରଖାନା ସାରା ଓଡ଼ିଶାରେ ପରିଚ଼ିତ । ନନ୍ଦନକାନନର ପରିଚ଼ୟ ମଧ୍ୟ ବାରଙ୍ଗ । ତେଣୁ ଏହି ଚୁଡଙ୍ଗଗଡ ଓ ବାରଙ୍ଗକୁ ପର୍ଯ୍ୟଟନ ଦୃଷ୍ଟିରୁ କିପରି ସଂରକ୍ଷଣ କିପରି କରାଯାଇପାରେ, ବିକାଶ କରାଯାଇପାରେ ତାହା ଉପରେ କେବଳ ସରକାର ନୁହେଁ ସମାଜକୁ ମଧ୍ୟ ଚ଼ିନ୍ତା କରିବାକୁ ହେବ । ଏହାର ମୂଳ ପର୍ଯ୍ୟନ୍ତ ଯିବା ପାଇଁ ପଡିବ । ସମସ୍ତଙ୍କୁ ମିଳିତ ଭାବରେ ଦାୟିତ୍ୱ ନେବା ପାଇଁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣର ଶୁଭେଚ୍ଛା ଜଣାଇଛନ୍ତି । ଐତିହାସିକ ଚୁଡ଼ଙ୍ଗଗଡ଼-ବାରଙ୍ଗ ମାଟିର କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜନ କରୁଥିବାରୁ ଆୟୋଜକ କମିଟିକୁ ଧନ୍ୟବାଦ ଜଣାଇଛନ୍ତି ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Monday November 27, 2023 ଭୁବନେଶ୍ୱର ସୋମବାର, ନଭେମ୍ବର ୨୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସମାଜସେବୀଙ୍କ ଦ୍ୱାରା ୧୦୮ ନିରୀହ ବୃଦ୍ଧ,ବୃଦ୍ଧାଙ୍କୁ ଅର୍ଣ୍ଣଦାନ,ଅର୍ଥଦାନ ସହ କମ୍ବଳ ପ୍ରଦାନ



ଭୁବନେଶ୍ୱର,(ପି.ଏନ): ଗଞ୍ଜାମ ବ୍ଲକ ପୋଇରାଶି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାରିଣୀପଲ୍ଲୀ ଗ୍ରାମର ସମାଜସେବୀ ଦୟାନିଧି ସେଠୀଙ୍କ ଦ୍ୱାରା ପୋଇରାଶି ଗ୍ରାମ ପଞ୍ଚାୟତରେ ୧୦୮ ଜଣ ନିରୀହ ବୃଦ୍ଧ,ବୃଦ୍ଧାଙ୍କୁ ଅର୍ନ୍ନଦାନ,ଅର୍ଥଦାନ ସହ କମ୍ବଳ ପ୍ରଦାନ । ବର୍ତମାନ ଶୀତ ଦିନର ଆଗମନ ହେତୁ ଅନେକ ନିରୀହ ବୃଦ୍ଧ ହାଡ ଭଙ୍ଗା ଶୀତରେ ନିଜକୁ ରକ୍ଷା କରିବା ପାଇଁ ସକ୍ଷମ ନୁହନ୍ତି ତେଣୁ ଉକ୍ତ କଥାକୁ ଚି଼ନ୍ତା କରି ଧର୍ମ ପରାୟଣ ଦୟାନିଧି ନିଜ ପଞ୍ଚାୟତର ୧୦୮ ବୃଦ୍ଧଙ୍କୁ ଅର୍ଣ୍ଣଦାନ, ଅର୍ଥଦାନ ସହ କମ୍ବଳ ପ୍ରଦାନ କରିବେ ବୋଲି ଚି଼ନ୍ତା କରିଥିଲେ କ୍ଷ ତାରିଣୀପଲ୍ଲୀ ଗ୍ରାମର ମୁକ୍ତ ?ଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୦୮ ବୃଦ୍ଧଙ୍କ ପାଇଁ ଅର୍ଣ୍ଣଦାନ, ଅର୍ଥଦାନ ସହ କମ୍ବଳ ଦାନର ଆୟୋଜନ କରିଥିଲେ । ଉକ୍ତ ଦାନ କାର୍ଯ୍ୟରେ ସ୍ତ୍ରୀ ସୁଶୀଳା ସେଠି, ପୁଅ ରଞ୍ଜିତ ସେଠି, ବୋହୁ ସୋନାଲି ସେଠି,ଜ୍ୱାଇଁ ପ୍ରଦୀପ ସେଠି,ଝିଅ ଭାଗ୍ୟବତୀ ସେଠି, ନାତି କଳ୍ପେଶ ଓ ନାତୁଣୀ କଳ୍ପନା ଉପସ୍ଥିତ ରହି ଦାନ କାର୍ଯ୍ୟ କରିଥିଲେ । ପଞ୍ଚାୟତର କଣ୍ଠିଆପଲ୍ଲୀ, ନୂଆପଲ୍ଲୀ, ପୋଇରାଶି ,ଭୁଆଁଭୂଇଁ, ତାରିଣୀପଲ୍ଲୀ, କାଇଁଚ଼ପୁର, ରାମଚ଼ନ୍ଦ୍ରପୁର, କାଳୁଆବାଡ଼ି ଗ୍ରାମର ବହୁ ବୃଦ୍ଧ,ବୃଦ୍ଧା ଯୋଗ ଦେଇଥିଲେ କ୍ଷ ସ୍ଥାନୀୟ ସରପଞ୍ଚ ରବିନ୍ଦ୍ର ନାଥ ବେହେରା ମଧ୍ୟ ଉପସ୍ଥିତ ଥିଲେ ।

## କେନ୍ଦୁଝର: ସମ୍ବିଧାନ ଦିବସ ପାଳିତ

କେନ୍ଦୁଝର, (ପି.ଏନ): ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ନଭେମ୍ବର ୨୬ତାରିଖ ରବିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ସମ୍ବିଧାନର ମୁଖବନ୍ଧ ପଠନ ଜରିଆରେ ଉକ୍ତ ଦିବସ ପାଳିତ ହୋଇଥିଲା । ଜିଲ୍ଲାପାଳ ଆଶିଷ ଠାକ୍ରେଙ୍କ ଅନୁମୋଦନକ୍ରମେ ଜିଲ୍ଲା କାର୍ଯ୍ୟାଳୟର ଦରବାର ହଲଠାରେ ଏହି ଉପଲକ୍ଷେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ । ଉଦ୍‌ବୋଧନ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହଲା ଆମ ଦେଶ ପାଇଁ ସମ୍ବିଧାନ ପ୍ରଣୟନ କରିଥିବା ମହାମନିଷୀମାନଙ୍କୁ ଗଭୀର ସମ୍ମାନ ଜଣାଇ ସେମାନଙ୍କର ଅବଦାନକୁ ଏ ଜାତି ଚିରକାଳ ମନେ ରଖିବ ବୋଲି କହିଥିଲେ । ସମ୍ବିଧାନ ସଭାରେ ୧୯୪୯ ମସିହା ନଭେମ୍ବର ୨୬ତାରିଖରେ ସମ୍ବିଧାନ ଗୃହୀତ ହୋଇଥିବାରୁ ଏହି ଦିବସକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଉଛି ବୋଲି କହିଥିଲେ ଏବଂ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ ।

## ପାରଳା ବାଲ ମୁକୁନ୍ଦ କେନ୍ଦ୍ର ତରଫରୁ ଜଗଦଗୁରୁତ୍ତମ ମହାପରାୟଣ ଦିବସ ପାଳିତ



ପାରଳାଖେମୁଣ୍ଡି, (ପି.ଏନ): ବିଶ୍ୱର ପଞ୍ଚମ ଜଗଦଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ମହାପରାୟଣ ଦିବସ କାର୍ତ୍ତିକ ଶୁକ୍ଲ ତ୍ରୟୋଦଶୀ ଅବସରରେ ପାରଳାଖେମୁଣ୍ଡି ବାଲ ମୁକୁନ୍ଦ କେନ୍ଦ୍ର ତରଫରୁ ଶିଶୁମାନେ ପରିଚ୍ଛା ମଠ ବିଜେ ଶ୍ରୀ ରସିକରାଜ ମହାପ୍ରଭୁଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ନାମସଂକୀର୍ତ୍ତନ ଏବଂ ଭକ୍ତବୃନ୍ଦଙ୍କ ସହ ପରିକ୍ରମା କରି ଯଥାରିତିରେ ପାଳନ କରିଛନ୍ତି ।ଏଥିରେ ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀ ପୌରହିତ କରିଥିଲେ କ୍ଷ ପ୍ରଥମେ ନୈକି ପ୍ରାର୍ଥନା ପରେ ମହାରାଜ ଜୀଙ୍କ ଆରତୀ କରି ଭକ୍ତବୃନ୍ଦ ଓ ଶିଶୁମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ବାଲ ମୁକୁନ୍ଦ କେନ୍ଦ୍ର ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଜଗତଗୁରୁ କୃପାଳୁ ଜୀ ମହାରାଜଙ୍କ ତ୍ୟାଗମୟ ଜୀବନୀ ବିଷୟରେ କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପରିଚ଼ାଳକ ମୂରଲୀଧର ପରିଚ୍ଛା ପରିଚ଼ାଳନା କରିଥିଲେ ।

## ଗଜପତିରେ ମରୁଡ଼ି ଓ ଅବହେଳିତ ରାସ୍ତାର ଅନୁଧ୍ୟାନ କଲେ ପୂର୍ବତନ ମୁଖ୍ୟ ସଚ଼ିବ ବିଜୟ ପଟ୍ଟନାୟକ



ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲାରେ ବର୍ଷାଭାବ ଯୋଗୁଁ ଉକ୍ଟ ମରୁଡି ଦେଖା ଦେଇଛି. ଏହି ମରୁଡି ପରିସ୍ଥିତି ସହ ଅବହେଳିତ ଗ୍ରାମ୍ୟ ରାସ୍ତା ପରିଦର୍ଶନ ଓ ଅନୁଧ୍ୟାନ କରି ପୂର୍ବତନ ମୁଖ୍ୟ ଶାସନ ସଚ଼ିବ ତଥା କଂଗ୍ରେସ ପ୍ରଚ଼ାର କମିଟିର ଅଧକ୍ଷ ବିଜୟ କୁମାର ପଟ୍ଟନାୟକ ଗଜପତି ପ୍ରଶାସନ ସହ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଲୋଚ଼ନା କରିଛନ୍ତି. ବିଶେଷକରି କାଶୀନଗର, ଗୋଷାଣୀ ଓ ଗୁମା ବ୍ଲକରେ ମରୁଡି ପ୍ରଭାବିତ ହୋଇଥିବାରୁ ଏହି ଅଂଚ଼ଳର ଚ଼ାଷ ଓ ଚ଼ାଷୀ ମାନଙ୍କ ଅବସ୍ଥା ଚି଼ନ୍ତାଜନକ ହୋଇପଡ଼ିଥିଲେ ଏହି ଅଞ୍ଚଳବାସୀ ମୁଖ୍ୟତଃ ଧାନ ଚ଼ାଷ କରୁଥିବାବେଳେ ଚ଼ାଷ ଜମି ପାଇଁ କୌଣସି ବଡ଼ ଜଳର ଉତ୍ସ ନାହିଁ । ରାଜ୍ୟରେ ଦୀର୍ଘ ବର୍ଷର ହେଲା ସରକାର ଙ୍କ ତରଫରୁ ଚ଼ାଷୀ ଙ୍କ ବିଷୟରେ ଯାହା କରୁଥିଲେ ବି ଆଜି ପର୍ଯ୍ୟନ୍ତ କୃଷି ପାଇଁ ସର୍ବନିମ୍ନ ଜଳ ସେଚ଼ନ ସୁବିଧା ଯୋଗାଇଦେବାରେ ବିଫଳ ହୋଇଛନ୍ତି । ସରକାରଙ୍କ ବିଫଳ ଓ ଜନବିରୋଧୀ ନୀତି ପାଇଁ ରାଜ୍ୟରେ କୃଷକ ମାନଙ୍କ ଆର୍ଥିକ ସ୍ଥିତି ସବୁଠାରୁ ଖରାପ ଅବସ୍ଥାରେ ଅଛି । ଗଜପତି ଜିଲ୍ଲା କାଶୀନଗର ବ୍ଲକ ଗସ୍ତ ସମୟରେ ମରୁଡି ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ କୃଷକ ପରିବାରର ସଦସ୍ୟମାନଙ୍କ ସହ ଆଲୋଚ଼ନା କରିଥିଲି କଂଗ୍ରେସ ପ୍ରଚ଼ାର କମିଟି ଅଧକ୍ଷ ଶ୍ରୀଯୁକ୍ତ ବିଜୟ ପଟ୍ଟନାୟକ । ଏହା ସହ ପ୍ରତିବର୍ଷ ମାରୁଡ଼ିରେ ଏହି ଅଞ୍ଚଳ କ୍ଷତିଗ୍ରସ୍ତ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ଉପରେ ଚ଼ାପ ପକାଇବାକୁ ପ୍ରାୟସ କରିବେ ବୋଲି ଶ୍ରୀଯୁକ୍ତ ପଟନାୟକ କହିଛନ୍ତି । ଅପରପକ୍ଷରେ ପ୍ରଶାସନ କୁ ବାରମ୍ବାର ଅଭିଯୋଗ ସତ୍‌ବେ ଏହି ରାସ୍ତା ଅବହେଳା ବିଷୟରେ ଜଣାଇଥିଲେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ମିନିଗୁଡା ଗ୍ରାମର ଜନସାଧାରଣ ଏବଂ ସରପଞ୍ଚ ଙ୍କ ସହିତ ଗ୍ରାମବାସି, ପୂର୍ବତନ ମୁଖ୍ୟ ଶାସନସଚ଼ିବ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଚ଼ାର କମିଟି ର ଚେୟାରମେନ ଶ୍ରୀ ବିଜୟ କୁମାର ପଟ୍ଟନାୟକ ଙ୍କୁ ।ପ୍ରାକାଶ ଥାଉ ଯେ ଏହି ମିନିଗୁଡା ରାସ୍ତା ନିର୍ମାଣ ହୋଇପାରିନଥିବାରୁ ବାରମ୍ବାର ଦାବି କରିଛନ୍ତି ଏବଂ ରାଜରାସ୍ତାରେ ବହୁତ ସମୟ ଧରି ଅବରୋଧ କରିଥିଲେ ନିନିଗୁଡା ଗ୍ରାମବାସୀ । ଦୀର୍ଘ ବର୍ଷ ହେଲା ମିନିଗୁଡା ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଆଜିଯାଏଁ ରାସ୍ତାଟିଏ ନିର୍ମାଣ ହୋଇପାରୁ ନାହିଁ । ମିନିଗୁଡା ଗ୍ରାମରୁ ରାଜ୍ୟରାଜପଥ ତଥା ମୁଖ୍ୟରାସ୍ତାର ଦୂରତା ମାତ୍ର ଏକ କିଲୋମିଟର ରହିଥିବା ବେଳେ ରାସ୍ତାଟିଏ ନିର୍ମାଣ ହୋଇପାରୁନଥିବାକୁ ନେଇ ପ୍ରବଳ ଅସନ୍ତୋଷ ଲାଗି ରହିଥିଲା । ଏନେଇ ବାରମ୍ବାର ବିଭିନ୍ନ ସ୍ତରରେ ବିଭିନ୍ନ ସମୟରେ ଅଭିଯୋଗ କରାଯାଉଥିଲେ ମଧ କୌଣସି ଫଳପ୍ରଦ ମିଳୁ ନଥିଲା । ତେବେ ଗତ ଛଅମାସ ପୂର୍ବ ? ମଧ ଲୋକେ ରାସ୍ତା ଅବରୋଧ କରିଥିଲେ । ସେତେବେଳେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ଯେ, ଅଳ୍ପ ଦିନ ମଧରେ ସମାଧାନ କରାଯିବ । ହେଲେ ଛଅ ମାସ ପରେ ମଧ ସମାଧାନ ନ ହେବାରୁ ପୁଣି ଥରେ ଆଜି ଲୋକେ ରାଜରାସ୍ତାକୁ ଓହ୍ଲାଇ ଆନ୍‌ଦୋଳନ କରିଥିଲେ ମଧ ଏପର୍ଯ୍ୟନ୍ତ ପ୍ରଶାସନର ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାର ବିଷୟରେ ଶ୍ରୀ ବିଜୟ କୁମାର ପଟ୍ଟନାୟକ ଙ୍କୁ ଜଣାଇବା ସହିତ ଉକ୍ତ ଅବହେଳିତ ରାସ୍ତା ଉପରେ ଚ଼ଲାଇ ଚ଼ଲାଇ ନେଇଛନ୍ତି । ଏହି ବିଷୟରେ ଶ୍ରୀ ପଟ୍ଟନାୟକ ମିନିଗୁଡା ବାସୀଙ୍କୁ ଆଶ୍ୱାସନା ଜଣାଇଛନ୍ତି ଏବଂ ଏହି ରାସ୍ତା ଅବହେଳା ବିଷୟରେ ଜିଲ୍ଲାପାଳ ଙ୍କ ସହିତ ଆଲୋଚ଼ନା କରିବି ବୋଲି କହିଥିବା ସୂଚ଼ନା ମିଳିଛି ଜଣାପଡିଛି ।

## ମହାବଳ ବାଘକୁ ଶିକାର ପାଇଁ ଗଜପତି ଓ ଆନ୍ଧ୍ରର ଜଙ୍ଗଲରେ ବିଚ଼ରଣ କରୁଛନ୍ତି ଛଦ୍ମବେଶଧାରୀ ଶିକାରୀ ଦଳ



ପାରଳାଖେମୁଣ୍ଡି,(ପି.ଏନ): ସୁଦୂର ମହାରାଷ୍ଟ୍ରରୁ ଆସିଥିବା ମହାବାଳ ବାଘ ଗଜପତି ଜିଲ୍ଲା ଏବଂ ଆନ୍ଧ୍ରର ପୁରୁଣା ପାଟଣା ମଣ୍ଡଳ ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ବିଚ଼ରଣ କରୁଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଆସୁଛି । ମହାବଳ ବାଘଟି ଅତ୍ୟନ୍ତ ମୂଲ୍ୟବାନ ଅଟେ. ଦେଶ ବିଦେଶରେ ଏହାର ଯଥେଷ୍ଟ ଚ଼ାହିଦା ରହିଛି । ତେଣୁ ଏଭଳି ବହୁ ମୂଲ୍ୟବାନ ମହାବଳ ବାଘର ସୂଚ଼ନା ବିଭିନ୍ନ ଗଣମାଧ୍ୟମରୁ ପାଇବା ପରେ କେତେକ ଶିକାରୀ ଦଳ ଗଜପତି ଜିଲ୍ଲା ଓ ଆନ୍ଧ୍ରର ଜଙ୍ଗଲରେ ଛଦ୍ମବେଶରେ ମହାବଳ ବାଘର ଅନେଶ୍ୱଣରେ ବିଚ଼ରଣ କରୁଥିବା ଜଙ୍ଗଲ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମାଞ୍ଚଳର ଲୋକମାନେ ସୂଚ଼ନା ପ୍ରଦାନ କରି କହିଛନ୍ତି ଗତ ୨ ଦିନ ତଳେ କିଛି ନୂତନ ଓ ଅଜ୍ଞାତ ବ୍ୟକ୍ତି ଦଳ ଦଳ ହୋଇ ଭିନ୍ନ ଭିନ୍ନ ଭାବେ ଜଙ୍ଗଲରେ ବିଚ଼ରଣ କରୁଛନ୍ତି । ସ୍ଥାନୀୟ ଅଞ୍ଚଳର ବନ ବିଭାଗର କର୍ମଚ଼ାରୀମାନଙ୍କୁ ଆମେ ଜାଣିଛୁ ଓ ଚି଼ହ୍ନି ପାରୁଛୁ । ବର୍ତ୍ତମାନ ବିଚ଼ରଣ କରୁଥିବା ଏହି ଲୋକମାନଙ୍କୁ ପୂର୍ବରୁ କେବେ ଦେଖିନାହୁଁ । ତେଣୁ ଏମାନେ ମହାବଳ ବାଘକୁ ଶିକାର କରିବାକୁ ଛଦ୍ମବେଶରେ ଆସିଥିବା ଶିକାରୀ ଦଳ ବୋଲି ଅନୁମାନ କରୁଛୁ ବୋଲି ଅଞ୍ଚଳବାସୀ ଜଣାଇଛନ୍ତି । ଏଠାରେ ସୂଚ଼ନାଯୋଗ୍ୟଯେ, ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକର ସନ୍ତୋଷପୁର ଗ୍ରାମରେ ମାସକ ତଳେ ମହାବଳ ବାଘଟି ଗୋଟିଏ ଗାଇକୁ ଘୋଷାଡି ନେଇ ଜଙ୍ଗଲ ମଧରେ ଅଧା ଖାଇ ଛାଡି ଚ଼ାଲି ଯାଇଥିଲା. ପୁଣି ତା ପରଦିନ ଛାଡି ଯାଇଥିବା ଗାଇକୁ ଖାଇବା ପାଇଁ ଆସିବାବେଳେ ବାଘର ପାଦ ଚି଼ହ୍ନ ଏବଂ ଟ୍ରାପ୍ କ୍ୟାମେରାରେ ଫଟୋ ଉତ୍ତୋଳନ ହୋଇଥିଲା । ଏହାକୁ ଡେରାଡୁନ୍‌ସ୍ଥିତ ଓ୍ୱାଲ୍‌ଡ ଲାଇଭ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯାଇଥିଲା । ଏହା ଦ୍ୱାରା ବାଘଟି ମହାରାଷ୍ଟ୍ରର ବ୍ରହ୍ମପୁରୀର ବୋଲି ସ୍ପଷ୍ଟ ହୋଇଥିଲା ।ବାଘର ପାଦ ଚି଼ହ୍ନ ଏବଂ ଦେହରେ ଥିବା କଳା ପଟାକୁ ଅନୁଧ୍ୟାନ କରି ମହାରାଷ୍ଟ୍ର ବାଘ ବୋଲି ଗଜପତିରେ ପହଞ୍ଚିଥିବା ଓ୍ୱାଲ୍‌ଡ ଲାଇଭ ଇନ୍‌ଷ୍ଟିଚ୍ୟୁଟ୍ କହିଥିବା ସୂଚ଼ନା ଦେଇଛନ୍ତି । ଗତ ସୋମବାର ଦିନ ରାତିରେ ପୁଣି ଏଇ ବାଘଟି ଗଜପତିର ଅଁଳାବର ଗ୍ରାମର ଏକ ଗାଇକୁ ପୁଣି ଉଠାଇ ନେଇ ଖାଇବା ସହ ଟ୍ରାପ କ୍ୟାମେରାରେ କଏଦ ହୋଇଥିଲା । ଏହି ଘଟଣା ବନ ବିଭାଗ ଓ ଗଜପତିବାସୀଙ୍କ ନିଦ ହଜେଇ ଦେଇଛି । ପରେ ବାଘଟି ଗଜପତିର ଗୋଷାଣୀ ବ୍ଲକ ଦେଇ ଆନ୍ଧ୍ର ପୁରୁଣାପାଟଣା ଅଞ୍ଚଳର ଜଙ୍ଗଲକୁ ଯିବା ଆସିବା କରୁଛି. ତେଣୁ ଉଭୟ ଆନ୍ଧ୍ର-ଓଡ଼ିଶା ବନ ବିଭାଗ କର୍ମଚ଼ାରୀ ପାଟ୍ରୋଲିଂ ଜାରି ରଖି ବାଘ ଗତିବିଧ ? ଉପରେ ନଜର ରଖିଛନ୍ତି । ହଜାର ହଜାର କିଲୋମିଟର ଅତିକ୍ରମ କରି ଭାରତର ପଶ୍ଚିମରେ ଥିବା ବିଦର୍ଭ ଅଞ୍ଚଳରୁ ବାଘଟି ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାର ମହେନ୍ଦ୍ରଗିରି ରେଞ୍ଜକୁ ଆସିବା ନିହାତି ଆଶ୍ଚର୍ଯ୍ୟଜନକ କଥା । ଏହାମଧ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଚ଼କିତ କରିଛି । ମହାରାଷ୍ଟ୍ରର ବ୍ରହ୍ମ ପୁରୀ ଜଙ୍ଗଲରେ କ୍ୟାମେରା ଟ୍ରାପ୍‌ରେ କଏଦ ବାଘ ଏବେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ଦେଇ ଓଡ଼ିଶାରେ ପହଞ୍ଚିଛି । ସୁରକ୍ଷିତ ବାସସ୍ଥାନ ଓ ସାଥୀ ସନ୍ଧାନରେ ଏହା ଆସିଥାଇପାରେ ବୋଲି ଅନୁମାନ କରାଯାଉଛି । ମହାବଳ ବାଘଟି ନଦୀନାଳ, କୃଷି କ୍ଷେତ୍ର, ରାସ୍ତା ଓ ଜନବସତି ଡେଇଁ ଏତେ ବାଟ ଅତିକ୍ରମ କରିବା ବିରଳ ବୋଲି କୁହାଯାଉଛି । ବାଟରେ ଏହା କୌଣସି ମଣିଷକୁ ଆକ୍ରମଣ କରିବାର ମଧ୍ୟ ସୂଚ଼ନା ମିଳିନି । ମହାବଳ ବାଘ ଉପରେ ନଜର ରଖିବାକୁ ଗଜପତି ବନ ବିଭାଗ ପକ୍ଷରୁ ପାରଳା ଡିଏଫଓ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଗାଁ ଗାଁ ବୁଲି ଏହି ଟିମ ଲୋକଙ୍କୁ ସଚେତନ କରାଉଛି । ମହାବଳ ବାଘଟିର ଯେପରି କୌଣସି କ୍ଷତ ବିକ୍ଷତ ନ ହେବ କିମ୍ବା କୌଣସି ଶିକାରୀ ମହାବଳ ବାଘକୁ ଶିକାର କରି ନ ପାରିବ ସେଥିପ୍ରତି ମଧ ଏହି ଟିମ ସତର୍କତା ଗ୍ରହଣ କରି ସଜାଗ ରହିଥିବା ପାରଳାଖେମୁଣ୍ଡି ଏସିଏଫ ଅଶୋକ କୁମାର ବେହେରା ସୂଚ଼ନା ଦେଇଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray